# ଡାକ୍ତର ନାରାୟଣୀ ପଣ୍ଡାଙ୍କ ପରଲୋକ

**ସମ୍ବଲପୁର, ୮।୩ (ସମିସ)**

ସମାଜସେବା କ୍ଷେତ୍ରରେ ଅନନ୍ୟ ଉଦାହରଣ ସୃଷ୍ଟି କରିଥିବା ଡାକ୍ତର ନାରାୟଣୀ ପଣ୍ଡାଙ୍କ ପରଲୋକ ହୋଇଛି। ଆଜି ୮୯ ବର୍ଷ ବୟସରେ ପୂର୍ବାହ୍ନ ୯ଟାରେ ତାଙ୍କର ପରଲୋକ ହୋଇଛି। ସରକାରୀ ମହିଳା ମହାବିଦ୍ୟାଳୟକୁ ନିଜ ବାସଗୃହକୁ ଦାନକରି ସେ ମହାନତାର ପରିଚୟ ଦେବା ସହ ଏକ ବିରଳ ଉଦାହରଣ ସୃଷ୍ଟି କରିଥିଲେ। ଉଚ୍ଚ ଶିକ୍ଷା ପାଇଁ ସମ୍ବଲପୁରର ବିଭିନ୍ନ ଅନୁଷ୍ଠାନକୁ ସେ ଆର୍ଥିକ ଦାନ ସହ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉତ୍ସର୍ଗୀକୃତ କରିଥିଲେ। ଭିମସାରକୁ ତାଙ୍କ ଚକ୍ଷୁ ଦାନ କରାଯାଇଥିବା ବେଳେ ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନଭାଇ ରାମକୃଷ୍ଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ସମାଜସେବୀ ତଥା ବିଶେଷଜ୍ଞ ଡା. ନାରାୟଣୀ ପଣ୍ଡାଙ୍କ ବିୟୋଗରେ ସବୁ ମହଲରେ ଗଭୀର ଶୋକପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।





ଗତ ୨୦୨୪ ମସିହା ଜାନୁଆରୀ ୨୪ ତାରିଖରେ ତାଙ୍କ ନିଜସ୍ୱ ଘରକୁ ସେ ଛାତ୍ରୀନିବାସ ଭାବେ ବ୍ୟବହାର କରିବାକୁ ସରକାରୀ ମହିଳା ମହାବିଦ୍ୟାଳୟକୁ ପ୍ରଦାନ କରିଥିଲେ। ମୋ କଲେଜ ଅଭିଯାନରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ୩୦ ଲକ୍ଷ ଟଙ୍କାର ଅନୁଦାନ ଦେଇଥିଲେ। ଅଭିଯାନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାର ଦୁଇଗୁଣ ୬୦ ଲକ୍ଷ ଟଙ୍କା ଅନୁଦାନ ଦେବାପରେ ଜିଏମୟୁରେ 'ଡା. ନାରାୟଣୀ ପଣ୍ଡା ସେଣ୍ଟର୍ ଫର୍ ଆଇଟି ସ୍କିଲ' ପ୍ରତିଷ୍ଠା ହୋଇଛି। ସମ୍ବଲପୁରରେ ରୋଟାରୀ ଶିଶୁ ଡାକ୍ତରଖାନା କୋଠା ନିର୍ମାଣ ପାଇଁ ୭୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ସରକାରୀ ମହିଳା ମହାବିଦ୍ୟାଳୟକୁ ୨୦ ଲକ୍ଷ ଟଙ୍କା 'ମୋ କଲେଜ' ଅଭିଯାନ ପାଇଁ ପ୍ରଦାନ କରିବା ସହ ଅନ୍ୟ ୫ ଲକ୍ଷ ଟଙ୍କାର ସୁଧକୁ ଅସହାୟ ଛାତ୍ରୀଙ୍କୁ ସହାୟତା ପାଇଁ ଦେଇଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟକୁ ୧୫ ଲକ୍ଷ, ଲେଡିଲୁଇସ ବାଳିକା ହାଇସ୍କୁଲକୁ ସେ ସ୍କୁଲର ଆଲୁମିନି ତଥା ତାଙ୍କ ବଡ଼ ଭଉଣୀ ସ୍ୱର୍ଗତ ଶୁଭାଶିନୀ ପଣ୍ଡାଙ୍କ ଅଭିଳାଷ ପୂରଣ କରିବାପାଇଁ 'ମୋ ସ୍କୁଲ ଅଭିଯାନ'ରେ ୧୫ ଲକ୍ଷ ଟଙ୍କା ଶ୍ରେଣୀ କୋଠରୀ ସକାଶେ ପ୍ରଦାନ କରିଥିଲେ। ଡା. ପଣ୍ଡାଙ୍କ ୧୦ ଲକ୍ଷ ଟଙ୍କା ଅନୁଦାନରେ ସମ୍ବଲପୁର ଜିଲା ସାମ୍ବାଦିକ ସଂଘ (ଏସଡିଜେଏ) ପରିସରରେ ପ୍ରଶାନ୍ତ ମହାନ୍ତି ହଲ୍ ନିର୍ମାଣ କରାଯାଇଛି। ସମ୍ବଲପୁର ପବ୍ଲିକ ଲାଇବ୍ରେରୀରେ ଡା. ପଣ୍ଡାଙ୍କ ୧୩ ଲକ୍ଷ ଟଙ୍କା ଅନୁଦାନରେ 'ଡା. ନାରାୟଣୀ ପଣ୍ଡା ହଲ୍ ଅଫ୍ ଏକ୍ସିଲେନ୍ସ' ନିର୍ମାଣ କରାଯାଇଛି। ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ବିଜ୍ଞାନୀ ଡା. ନାରାୟଣୀ ପଣ୍ଡାଙ୍କ ଆକସ୍ମିକ ବିୟୋଗରେ ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଶୋକାକୁଳ ହୋଇ ପଡ଼ିଥିଲେ। ମହାବିଦ୍ୟାଳୟର ଉନ୍ନତି କଳ୍ପେ ୨୦ ଲକ୍ଷ ଟଙ୍କା ଦେବା ସହିତ ନିଜର ସାନଭାଇ ଡ. ରାମକୃଷ୍ଣ ପଣ୍ଡାଙ୍କୁ ଆର୍ଥିକ ସହାୟତା କରିବା ପାଇଁ ଅନୁପ୍ରେରିତ କରିଥିଲେ। ତାଙ୍କ ଶେଷ ଦର୍ଶନ କରିବାପାଇଁ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀଙ୍କ ସମେତ ଶହଶହ ଛାତ୍ରୀ ଶବାଧାରରେ ଯୋଗଦାନ କରି ଅଶ୍ରୁଳ ବିଦାୟ ପ୍ରଦାନ କରିଥିଲେ। ଚକ୍ଷୁଦାନ ନିମନ୍ତେ ସେ ତାଙ୍କର ପ୍ରତିଜ୍ଞା ପତ୍ର 'ଜ୍ୟୋତି' ଅନୁଷ୍ଠାନକୁ ପ୍ରଦାନ କରିଥିଲେ। ତାଙ୍କ ପରିବାରର ସମ୍ମତିକ୍ରମେ ଜ୍ୟୋତି ଅନୁଷ୍ଠାନ ପକ୍ଷରୁ ବୁର୍ଲାସ୍ଥିତ ଚକ୍ଷୁ ବ୍ୟାଙ୍କର ମୁଖ୍ୟ ପ୍ରଫେସର ଜୟଶ୍ରୀ ଦୋରାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଚକ୍ଷୁ ବ୍ୟାଙ୍କର ଡା. ପ୍ରାଚୀପ୍ରଭା ହୋତା, ଡା. ଅପର୍ଣ୍ଣା ପ୍ରଧାନ, ଚକ୍ଷୁ ସଂଗ୍ରହ ସହାୟକ ସୁରେଶ ଚନ୍ଦ୍ର ତ୍ରିପାଠୀ ଆସି ଚକ୍ଷୁ ସଂଗ୍ରହ କରିଥିଲେ। 'ଜ୍ୟୋତି' ଅନୁଷ୍ଠାନର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ, ସଂଯୋଜକ କଳ୍ପନା ମିଶ୍ର, ଅଖିଳ ରଞ୍ଜନ ପଟ୍ଟନାୟକ, ଡ. ସତ୍ୟ ନାରାୟଣ ଠାକୁର ଏବଂ ତାଙ୍କ ପରିବାରର ଡ. ରାମକୃଷ୍ଣ ପଣ୍ଡା, ମନୋରଞ୍ଜନ ପଣ୍ଡା, ରଞ୍ଜିତ ଖମାରି, ସିଦ୍ଧାନ୍ତ ମହାନ୍ତି, ଫାଲଗୁନୀ ମହାନ୍ତି, ରାଜେନ୍ଦ୍ର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

### ଡା. ନାରାୟଣୀ ପଣ୍ଡାଙ୍କ ମହାନତା ଓ ସମାଜସେବା ଆଗାମୀ ପିଢ଼ି ପାଇଁ ପ୍ରେରଣା ହୋଇ ରହିବ: ଧର୍ମେନ୍ଦ୍ର

ସମ୍ବଲପୁରର ବିଶିଷ୍ଟ ଚିକିତ୍ସକ ତଥା ସମାଜସେବୀ ଡା. ନାରାୟଣୀ ପଣ୍ଡାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ଡାକ୍ତର ପଣ୍ଡାଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଦୀର୍ଘ ଦଶନ୍ଧି ଧରି ନିରନ୍ତର ଭାବେ ଜନସେବାରେ ନିଜକୁ ନିୟୋଜିତ କରି ସେ ସମାଜ ପାଇଁ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ। ଜଣେ ଚିକିତ୍ସକ ଭାବେ ସେବା କରିବା ସହ ନିଜର ସମସ୍ତ ଅର୍ଜିତ ସମ୍ପତ୍ତିକୁ ସମାଜ ପାଇଁ ଅର୍ପଣ କରିବା ତାଙ୍କ ମହାନ ବ୍ୟକ୍ତିତ୍ୱର ପରିଚୟ। ବିଶେଷ କରି ଶିକ୍ଷା ଓ ସମାଜସେବା ପ୍ରତି ତାଙ୍କର ଏହି ଉତ୍ସର୍ଗୀକୃତ ମନୋଭାବ ଆଗାମୀ ପିଢ଼ି ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ବିଭିନ୍ନ ମହଲରେ ଶୋକ

ଡା. ନାରାୟଣୀ ପଣ୍ଡାଙ୍କ ବିୟୋଗ ସମ୍ବଲପୁରର ସାଧାରଣ ଜୀବନରେ ଏକ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି। ସମଗ୍ର ଜୀବନକାଳ ଜଣେ ଉତ୍ତମ ଡାକ୍ତର ଭାବରେ ମାନବତାର ସେବା ହିଁ ସେ କରିଥିଲେ। ତାଙ୍କର ପାରିପାର୍ଶ୍ୱ ଏବଂ ସମଗ୍ର ସମାଜ ହିଁ ଥିଲା ତାଙ୍କର ପରିବାର। ସେଥିପାଇଁ ଜୀବନକାଳରେ ସମଗ୍ର ଉପାର୍ଜିତ ଧନ ସମାଜ ପାଇଁ ସେ ଉତ୍ସର୍ଗୀକୃତ କରିଥିଲେ। ତାଙ୍କର ଅମର ଆତ୍ମା ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ନିବେଦନ କରୁଛି।

**- ପ୍ରସନ୍ନ ଆଚାର୍ଯ୍ୟ, ବିଧାନସଭା ବିରୋଧୀ ଦଳ ଉପନେତା**

ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ଚିକିତ୍ସକ ଡାକ୍ତର ନାରାୟଣୀ ପଣ୍ଡାଙ୍କ ଦେହାନ୍ତ ଖବର ଶୁଣି ମୁଁ ଗଭୀର ମର୍ମାହତ ଏବଂ ଦୁଃଖିତ। ଚିକିତ୍ସା ତଥା ସମାଜସେବା କ୍ଷେତ୍ରରେ ତାଙ୍କର ଅବଦାନ ଚିର ସ୍ମରଣୀୟ ରହିବ। ନିଜର ଅର୍ଜିତ ସମସ୍ତ ସମ୍ପତ୍ତି ସମାଜସେବା ତଥା ଶିକ୍ଷା ପାଇଁ ଉତ୍ସର୍ଗୀକୃତ କରିବା ଆମ ସମାଜ ପାଇଁ ସର୍ବଦା ପ୍ରେରଣାଦାୟୀ ରହିବ। ଏଭଳି ଅସମୟରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ମୋର ଗଭୀର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦଗତି ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

**- ଇଂ. ରୋହିତ ପୂଜାରୀ, ପୂର୍ବତନ ମନ୍ତ୍ରୀ**

ଡା. ନାରାୟଣୀ ପଣ୍ଡାଙ୍କ ପରଲୋକ ଖବର ମତେ ମର୍ମାହତ କରିଛି। ସେ ପଢ଼ିଥିବା ଗଙ୍ଗାଧର ମେହେର କଲେଜକୁ ତାଙ୍କର ସହାୟତା ଉଲ୍ଲେଖଯୋଗ୍ୟ। ସେ ନିଜର ବାସଗୃହକୁ ମଧ୍ୟ କଲେଜର ଛାତ୍ରୀମାନଙ୍କୁ ରହିବାର ଲାଗି ଦେଇଦେଇଥିଲେ। ବ୍ୟକ୍ତିଗତ ଭାବେ ସେ ମୋର ଜଣେ ଶୁଭଚିନ୍ତକ ଓ ପରାମର୍ଶଦାତା ଥିଲେ। ତାଙ୍କର ଆକସ୍ମିକ ବିୟୋଗ ମତେ ନିର୍ବାକ କରିଛି।

**- ଇଂ. ସିଦ୍ଧାର୍ଥ ଦାସ, ପୂର୍ବତନ ଜିଲ୍ଲା ବିଜେଡି ସଭାପତି**

ନାରାୟଣୀ ନାନୀ ଜଣେ ଅତ୍ୟନ୍ତ ସମ୍ମାନିତ ଡାକ୍ତର ଏବଂ ପରୋପକାରୀ ଥିଲେ। ତାଙ୍କର ଚିକିତ୍ସା ସେବା ଓ ଶିକ୍ଷା ଏବଂ ସାମାଜିକ କାର୍ଯ୍ୟରେ ଦାନଶୀଳ ଅବଦାନ ଦ୍ୱାରା ସେ ସମ୍ବଲପୁର ଏବଂ ପଶ୍ଚିମ ଓଡ଼ିଶାର ଅସଂଖ୍ୟ ଲୋକଙ୍କ ଜୀବନକୁ ସ୍ପର୍ଶ କରିଥିଲେ ଏବଂ ଏକ ଉଜ୍ଜ୍ୱଳ ଉଦାହରଣ ସୃଷ୍ଟି କରିଥିଲେ। ସମ୍ବଲପୁର ତାହାର ଜଣେ ଯୋଗ୍ୟ କନ୍ୟାଙ୍କୁ ହାରାଇଛି।

**-ପ୍ରିୟଦର୍ଶୀ ପାଣିଗ୍ରାହୀ**

ଡା. ନାରାୟଣୀ ପଣ୍ଡା ଜଣେ ଉଚ୍ଚ ମାନସିକତା ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ। ଗରିବ ଓ ଅସହାୟ ଲୋକଙ୍କ ପାଇଁ ସେ ସଦା ସମୟରେ ସହାୟତାର ହାତ ବଢ଼ାଇଥିବାରୁ ଲୋକମାନଙ୍କ ମନରେ ତାଙ୍କ ପ୍ରତି ଅସୀମ ସମ୍ମାନ ଓ ଆଦର ରହିଛି। ଆଜି ଯେତେବେଳେ ସମଗ୍ର ବିଶ୍ୱରେ ନାରୀଶକ୍ତି ଓ ନାରୀଙ୍କ ସଫଳତାକୁ ସମ୍ମାନ ଦେବା ପାଇଁ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି, ସେହି ଦିନେ ଏକ ଉତ୍କୃଷ୍ଟ ନାରୀ ବ୍ୟକ୍ତିତ୍ୱଙ୍କ ବିୟୋଗ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି। ଡା. ପଣ୍ଡାଙ୍କ ଜୀବନ ଓ ସମାଜ ପ୍ରତି ତାଙ୍କର ନିଷ୍ଠା ଆଗାମୀ ପିଢ଼ୀଙ୍କ ପାଇଁ ପ୍ରେରଣା ହୋଇ ରହିବ।

**-ବିଜୟ କୁମାର ମହାନ୍ତି**

ଡା. ନାରାୟଣୀ ପଣ୍ଡା ଜଣେ ଦୂରଦ୍ରଷ୍ଟା ଓ ଉଦାର ବ୍ୟକ୍ତିତ୍ୱ ଥିଲେ। ସମାଜର ଗରିବ ଓ ଅସହାୟ ଲୋକଙ୍କ ପାଇଁ ତାଙ୍କର ସେବା ଓ ଅବଦାନ ସଦା ସ୍ମରଣୀୟ ରହିବ। ସମାଜ ଏକ ଉତ୍ତମ ମାର୍ଗଦର୍ଶକଙ୍କୁ ହାରାଇଛି। ସ୍ୱର୍ଗତ ଆତ୍ମାର ସଦଗତି ହେଉ ତଥା ଭଗବାନ ଶୋକାକୁଳ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ।

**- ସଞ୍ଜିତ ମହାନ୍ତି**

### 'ସେତୁ', ସମ୍ବଲପୁର

ଡା. ନାରାୟଣୀ ପଣ୍ଡାଙ୍କ ବିୟୋଗରେ 'ସେତୁ' ସମ୍ବଲପୁର ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି। ତାଙ୍କ ବିୟୋଗରେ ସେତୁର ସଭାପତି ଡ. ମୀନକେତନ ପାଠୀ, ସମ୍ପାଦକ ହରିନାରାୟଣ ପଣ୍ଡା, ଡା. ରମାବଲ୍ଲଭ ମିଶ୍ର, ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ସ୍ୱୟଂ ପ୍ରକାଶ ପଣ୍ଡା, ବିଦ୍ୟାର୍ଣ୍ଣ ପଣ୍ଡା, ସୁକାନ୍ତ କର, ରବିନାରାୟଣ ପ୍ରଧାନ, ଜୟକୃଷ୍ଣ ବେହେରା, ସରୋଜ କୁମାର ମିଶ୍ର ପ୍ରମୁଖ ବହୁ ସଭ୍ୟସଭ୍ୟା ଶୋକପ୍ରକାଶ କରିଛନ୍ତି।

# ୨ ଘର ଭାଙ୍ଗିଲା ଦନ୍ତା

## ଅଳ୍ପକେ ବର୍ତ୍ତିଲେ ପରିବାର



**ରେଢ଼ାଖୋଲ, ୮।୩(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକ ଅଧିକ କୁଡ଼ାନାଳି ଗ୍ରାମରେ ବିଳମ୍ବିତ ରାତ୍ରିରେ ଏକ ଦନ୍ତା ହାତୀ ଦୁଇଟି ଘରକୁ ଭାଙ୍ଗି ନଷ୍ଟ କରିଛି। ଏଥିରେ ସାମ୍ବାଦିକା ରଶ୍ମିତା ରାଉତଙ୍କ ସମେତ ମଲ୍ଲାର ସାହିର ସୁବର୍ଣ୍ଣ ଦେଉରୀଙ୍କ ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଏଥିରେ ଶ୍ରୀମତୀ ରଶ୍ମିତାଙ୍କ ଘରେ ଥିବା ଧାନ ବସ୍ତା ଓ ଅନ୍ୟାନ୍ୟ ସାମଗ୍ରୀ କ୍ଷତିଗ୍ରସ୍ତ ହୋଇଛି। ସୂଚନାଯୋଗ୍ୟ, କୁଡ଼ାନାଳି ଗ୍ରାମରେ ବାରମ୍ବାର ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ବନ ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟତା ହୋଇପଡ଼ିଛି। ପୂର୍ବରୁ ହାତୀ କ୍ଷତିଗ୍ରସ୍ତ ହୋଇଥିବା ମଲ୍ଲାର ସାହିର ସନ୍ନା ପ୍ରଧାନ ଏବଂ ପଣ୍ଡି ଦେହୁରୀ ରହିଛନ୍ତି। ଦୀର୍ଘ ବର୍ଷ ହେଲେ ମଧ୍ୟ ଗ୍ରାମବାସୀମାନଙ୍କୁ କ୍ଷତି ପୂରଣ ମିଳି ପାରିଲାନାହିଁ। ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି। ହାତୀଙ୍କ ଉପଦ୍ରବରୁ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ବନ ବିଭାଗ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ ଗଲେ ୭୪ ତୀର୍ଥଯାତ୍ରୀ

**ସମ୍ବଲପୁର, ୮।୩ (ସମିସ) :** ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବଲପୁର ଜିଲ୍ଲାରୁ ଦୁଇଟି ବସ୍‌ରେ ୭୪ ଜଣ ବରିଷ୍ଠ ନାଗରିକ ଆଜି ସନ୍ଧ୍ୟାରେ ପୁରୀ ଅଭିମୁଖେ ବାହାରିଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକରୁ ବରିଷ୍ଠ ନାଗରିକ ମାନଙ୍କୁ ଚୟନ କରି ପାନ୍ଥନିବାସଠାରେ ଏକାଠି କରାଯାଇଥିଲା। ସେମାନଙ୍କୁ ସରକାରଙ୍କ ଯୋଜନାକ୍ରମେ ମାଗଣାରେ ଏହି ତୀର୍ଥଯାତ୍ରା ପାଇଁ ପଠାଯାଉଛି। ଆଜି ଦୁଇଟି ବସ୍‌ରେ ଯାଉଥିବା ଜିଲ୍ଲାର ଯାତ୍ରୀମାନଙ୍କୁ କିଟ୍ ବଣ୍ଟନ କରାଯାଇଥିଲା। ଯାତ୍ରୀ ମାନଙ୍କ ସୁବିଧା ପାଇଁ ଉଭୟ ବସ୍‌ରେ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା ସହ ଦୁଇଟି ଡାକ୍ତରୀ ଦଳ ଏବଂ ୪ ଜଣ ଏସ୍କର୍ଟ ଅଧିକାରୀ ସଙ୍ଗରେ ଯାଉଛନ୍ତି। ସେମାନେ ଆସନ୍ତାକାଲି ସକାଳେ ପୁରୀରେ ପହଞ୍ଚି ବୃନ୍ଦାବତୀ ନିବାସରେ ବିଶ୍ରାମ କରିବା ପରେ ଜଗନ୍ନାଥଙ୍କ ଦର୍ଶନ କରିବେ। ଏହାପରେ ସେମାନେ ପୁଣି ଆସନ୍ତାକାଲି ରାତିରେ ବାହାରି ମଙ୍ଗଳବାର ସକାଳେ ଆସି ସମ୍ବଲପୁରରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।

# ଡେବ୍ରିଗଡ଼ ଅଭୟାରଣ୍ୟରେ ଦ୍ୱିତୀୟ ଭାରତୀୟ ଗୟଳ ମହୋତ୍ସବ

**ସମ୍ବଲପୁର, ୮।୩ (ସମିସ) :** ଡେବ୍ରିଗଡ଼ ଅଭୟାରଣ୍ୟରେ ଆଜି ଦ୍ୱିତୀୟ ଭାରତୀୟ ଗୟଳ ମହୋତ୍ସବ (ଇଣ୍ଡିଆନ ବାଇସନ୍ ଫେଷ୍ଟ) ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷର ମହୋତ୍ସବରେ ରାତ୍ରି ରହଣୀ (ନାଇଟ୍ କ୍ୟାମ୍ପିଂ)କୁ ଏକ ବିଶେଷ ବୈଶିଷ୍ଟ୍ୟ ଭାବରେ ପ୍ରଚଳନ କରାଯାଇଥିଲା।




ପୂର୍ବାହ୍ନ ଅଧିବେଶନରେ ଭାରତୀୟ ବାଇସନ (ଗୌର) ଉପରେ ବିଶେଷଜ୍ଞ ଆଲୋଚନା, ଏକ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସ୍କୁଲ କଲେଜ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରତିଯୋଗିତାର ବିଷୟବସ୍ତୁ କନିଷ୍ଠ ଅଂଶଗ୍ରହଣକାରୀଙ୍କ ପାଇଁ 'ଜଙ୍ଗଲୀର ଶକ୍ତି - ଡେବ୍ରିଗଡ଼ ଅଭୟାରଣ୍ୟର ଗର୍ବ' ଏବଂ ବରିଷ୍ଠ ଅଂଶଗ୍ରହଣକାରୀଙ୍କ ପାଇଁ 'ଭାରତର ବନ୍ୟ ଐତିହ୍ୟ - ଶକ୍ତିଶାଳୀ ଗୌର' ଥିଲା। ଏହି ଅବସରରେ ଗୌର ସଂରକ୍ଷଣ ଏବଂ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବନପାଳ ଏବଂ ବନ ରକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରେ ଅଭୟାରଣ୍ୟ ମଧ୍ୟରେ ଅଢ଼େଇ ଘଣ୍ଟାର 'ଗୟଳ ସଫାରି' ଏବଂ ରାତ୍ରି-କ୍ୟାମ୍ପିଂ ଅଂଶଗ୍ରହଣକାରୀଙ୍କ ପାଇଁ ତାରାଦର୍ଶନ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପରିଦର୍ଶକମାନେ ଅଭୟାରଣ୍ୟ ଏବଂ ନିକଟସ୍ଥ ହୀରାକୁଦ ଆର୍ଦ୍ରଭୂମି ଉପରେ ନିର୍ମଳ ରାତି ଆକାଶ ତଳେ ସପ୍ତଋଷି ମଣ୍ଡଳରୁ ଓରିଅନ ପର୍ଯ୍ୟନ୍ତ ନକ୍ଷତ୍ରମଣ୍ଡଳଗୁଡ଼ିକୁ ପର୍ଯ୍ୟବେକ୍ଷଣ (ଷ୍ଟାର୍ ଗେଜିଂ) କରିଥିଲେ। ଆସନ୍ତାକାଲି ସକାଳେ ପରିଦର୍ଶକମାନେ ବେଟ୍ ଆଇଲ୍ୟାଣ୍ଡରେ ଦ୍ୱୀପରେ ବାସ କରୁଥିବା ୧ ହଜାରରୁ ଊର୍ଦ୍ଧ୍ୱ ବାଦୁଡ଼ିଙ୍କୁ ସୁରକ୍ଷିତ ଭାବରେ ନିରୀକ୍ଷଣ କରିପାରିବେ।

ସୂଚନାନୁଯାୟୀ, ପୂର୍ବ ଭାରତରେ ଭାରତୀୟ ବାଇସନ ପାଇଁ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ଭୂଦୃଶ୍ୟ ଭାବରେ ଉଭାହୋଇଛି। ସାମ୍ପ୍ରତିକ କ୍ଷେତ୍ର ପର୍ଯ୍ୟବେକ୍ଷଣ ଅନୁସାରେ ଗୟଳ ସଂଖ୍ୟା ପ୍ରାୟ ୮୪୮ ରହିଛି। ଯାହା ଗତବର୍ଷ ତୁଳନାରେ ପ୍ରାୟ ୧୯୦ ବୃଦ୍ଧିକୁ ପ୍ରତିଫଳିତ କରୁଛି। ଅଭୟାରଣ୍ୟର ଘାସଭୂମି-ଜଙ୍ଗଲ ମୋଜାଇକ୍ ବାସସ୍ଥାନ ସଫଳ ପ୍ରଜନନକୁ ପ୍ରୋତ୍ସାହିତ କରୁଛି। ପରିବେଶଗତ ଅଖଣ୍ଡତା ଏବଂ ସନ୍ତୁଳିତ ଇକୋସିଷ୍ଟମ ସହିତ ବାସସ୍ଥାନ ପରିଚାଳନା, ଘାସଭୂମି ପୁନରୁଦ୍ଧାର, ଆର୍ଦ୍ରଭୂମି ସଂରକ୍ଷଣ ଏବଂ ପଦ୍ଧତିଗତ ଜନସଂଖ୍ୟା ନିରୀକ୍ଷଣ ଭଳି ପଦକ୍ଷେପ ଏହି ପ୍ରଜାତି ପାଇଁ ଏକ ସୁରକ୍ଷିତ ପ୍ରଜନନ ଗଡ଼ ଭାବରେ ଡେବ୍ରିଗଡ଼ ଅଭୟାରଣ୍ୟକୁ ସୁଦୃଢ଼ କରିପାରିଛି। କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଭାରତର ବାଇସନ ବିଶେଷଜ୍ଞ ଡ. କେ ଶଙ୍କର, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫଓ ଅଂଶୁପ୍ରଜ୍ଞା ଦାସ ତଥା ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗିର ଆଦି ଜିଲ୍ଲାର ଆଞ୍ଚଳିକ ବନ୍ୟପ୍ରାଣୀ ଉତ୍ସାହୀ ଏବଂ ଅଭୟାରଣ୍ୟ ସଂଲଗ୍ନ ବିଭିନ୍ନ ଗ୍ରାମରୁ ପ୍ରାୟ ୬ ଶହ ଇଡିସି ସଦସ୍ୟ ଉପସ୍ଥିତ ଥିଲେ।

### ଧର୍ମେନ୍ଦ୍ରଙ୍କ ପତ୍ରର ଉତ୍ତର ରଖିଲେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ

# ସମ୍ବଲପୁରରେ ଖୁବ୍‌ଶୀଘ୍ର ପ୍ରତିଷ୍ଠା ହେବ ସିଜିଏଚଏସ୍ ହେଲଥ୍ ୱେଲନେସ୍ ସେଣ୍ଟର: ଧର୍ମେନ୍ଦ୍ର

**ସମ୍ବଲପୁର, ୮।୩ (ସମିସ) :** ସମ୍ବଲପୁରରେ ଏକ ନୂତନ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା (ସିଜିଏଚ୍‌ଏସ୍) ୱେଲନେସ୍ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ସବୁପ୍ରକାର ଅନୁମୋଦନ ପ୍ରଦାନ କରି ସାରିଛନ୍ତି। ଏହା ଖୁବ୍‌ଶୀଘ୍ର ସମ୍ବଲପୁରରେ ସ୍ଥାପନା ହେବାକୁ ଯାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚିତ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା।



ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସୂଚନା ମୁତାବକ ଶ୍ରୀ ପ୍ରଧାନ ଗତ ୮ ସେପ୍ଟେମ୍ବର ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏକ ସିଜିଏଚଏସ ହେଲଥ୍ ସେଣ୍ଟରର ଆବଶ୍ୟକତା ବିଷୟରେ ଜଣାଇଥିଲେ। ସେ ପତ୍ରରେ ଉଲ୍ଲେଖ କରିଥିଲେ, ସମ୍ବଲପୁରରେ ବିଏସଏନଏଲ, ଡାକ ବିଭାଗ, ଆୟକର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ ଗ୍ରୁପ୍ ସେଣ୍ଟର, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି। ଏଠାରେ ବହୁ ସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନସନଭୋଗୀ ବସବାସ କରୁଛନ୍ତି। ଏହି ସୁବିଧା ନଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିଲୋମିଟର ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି। ଏହାଦ୍ୱାରା ବିଶେଷକରି ପ୍ରାପ୍ତ ବୟସ୍କ ପେନସନଭୋଗୀମାନେ ହଇରାଣ ହେଉଛନ୍ତି। ଏହାର ପ୍ରତିଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା, ଶ୍ରୀ ପ୍ରଧାନଙ୍କୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ସମ୍ବଲପୁରରେ ସିଜିଏଚଏସ ସେଣ୍ଟର ପାଇଁ ସବୁପ୍ରକାର ଅନୁମୋଦନ ମିଳିସାରିଛି। ଏହି ସେଣ୍ଟର ପାଇଁ ଆବଶ୍ୟକୀୟ ପଦବୀ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି। ଉକ୍ତ ପଦବୀଗୁଡ଼ିକ ମଧ୍ୟରେ ମେଡିକାଲ ଅଫିସର, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଏବଂ ଜୁନିୟର ହେଲଥ ଆଡମିନିଷ୍ଟ୍ରେଟିଭ ଆସିଷ୍ଟାଣ୍ଟ ପୋଷ୍ଟ ରହିଛି। ତେବେ ସେଣ୍ଟରଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ, ପେନସନଭୋଗୀମାନେ ନିକଟସ୍ଥ ସିଜିଏଚଏସ ସହରରୁ ସୁବିଧା ପାଇପାରିବେ ଏବଂ କାର୍ଯ୍ୟରତ କର୍ମଚାରୀମାନେ ସେଣ୍ଟ୍ରାଲ ସର୍ଭିସ୍ (ମେଡିକାଲ ଆଟେଣ୍ଡାନ୍ସ) ନିୟମ ଅଧୀନରେ ଚିକିତ୍ସା ସୁବିଧା ପାଇବା ଜାରି ରଖିବେ। ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହା କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନସନଭୋଗୀଙ୍କ ଜୀବନଧାରଣକୁ ସହଜ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ ବୋଲି ସେ କହିଛନ୍ତି।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 'ଜାତୀୟ ସମନ୍ୱୟ ଶିବିର' ଉଦ୍‌ଘାଟିତ

**ସମ୍ବଲପୁର, ୮।୩ (ସମିସ) :** ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଆଜି 'ଜାତୀୟ ସମନ୍ୱୟ ଶିବିର' ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟସ୍ଥିତ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ସାତ ଦିନ ବ୍ୟାପି ଜାତୀୟ ସଂଘତି ଶିବିର ଆୟୋଜିତ ହେଉଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକ ଯୋଗ ଦେଇଥିଲେ। ଶିବିରରେ ୧୩ଟି ରାଜ୍ୟରୁ ୨୨୦ ଜଣ ସ୍ୱେଚ୍ଛାସେବୀ ଯୋଗଦାନ କରିଛନ୍ତି। ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ତୁଷାରକାନ୍ତି ଦାସ, ଏସ୍‌ଏନ୍‌ଓ ତଥା ଉପ ସଚିବ ଉଚ୍ଚ ଶିକ୍ଷା ବିଭାଗ ଡ. ରମେଶ ଚନ୍ଦ୍ର ବେହେରା ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡ. ବିରେନ୍ଦ୍ର ବେହେରା ସଂଯୋଜନା କରିଥିଲେ। ଯୁବମାନଙ୍କ ମଧ୍ୟରେ ଏକତା ଓ ପାରସ୍ପରିକ ବୁଝାମଣା ବୃଦ୍ଧି କରିବା, ବିବିଧତା ମଧ୍ୟରେ ଏକତା ଏହି ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବକ୍ତାମାନେ ମତ ରଖିଥିଲେ। ଶିବିରରେ ବିହାର, ହରିୟାଣା, ତେଲେଙ୍ଗାନା, ଉତ୍ତରପ୍ରଦେଶ, ଆସାମ, ଝାଡ଼ଖଣ୍ଡ, ଗୁଜୁରାଟ, ମଧ୍ୟ ପ୍ରଦେଶ, ପଶ୍ଚିମବଙ୍ଗ, ଛତିଶଗଡ଼, କର୍ଣ୍ଣାଟକ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଯୋଗ ଦେଇଛନ୍ତି।

# ଆଇଆଇଏମ୍‌ରେ ମହିଳା ନେତୃତ୍ୱଙ୍କ ସମାବେଶ

**ସମ୍ବଲପୁର, ୮।୩ (ସମିସ) :** ଅଗ୍ରଣୀ ପ୍ରବନ୍ଧନ ଶିକ୍ଷା ସଂସ୍ଥାନ, ଆଇଆଇଏମ ସମ୍ବଲପୁରରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଶାସନ, ପୁଲିସ, କର୍ପୋରେଟ୍ ଓ ଶିକ୍ଷାକ୍ଷେତ୍ରର ମହିଳା ନେତୃତ୍ୱମାନେ ଏକତ୍ର ହୋଇ ନେତୃତ୍ୱ, ନିଷ୍ପତ୍ତି ଗ୍ରହଣ ଏବଂ ୨୦୪୭ ସୁଦ୍ଧା ଏକ ଅଧିକ ସମାବେଶୀ ଓ ବିକଶିତ ଭାରତ ଗଢିବାରେ ମହିଳାଙ୍କ ଭୂମିକା ବିଷୟରେ ମତବିନିମୟ କରିଥିଲେ। ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସଂସ୍ଥାନ 'ବିକଶିତ ଭାରତ ୨୦୪୭ ପାଇଁ କାର୍ଯ୍ୟରତ ମହିଳା ନେତୃତ୍ୱ' ବିଷୟରେ ଏକ ପ୍ୟାନେଲ ଆଲୋଚନା ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ, ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସ, ଭାରତୀୟ ପୁଲିସ ସେବା ଶିକ୍ଷାନବିସ କୋମଳ ଗର୍ଗ, ଟିପିଡବ୍ଲୁଓଡିଏଲର ସିଏସଆର ମୁଖ୍ୟ ଅରୁଣା ମାରାଣ୍ଡି ଓ ବେଦାନ୍ତ ଲିମିଟେଡ୍‌ର ସିଏସଆର ମୁଖ୍ୟ ହରମିତ ସେହ୍ରା ଉପସ୍ଥିତ ଥିଲେ।

ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ କହିଲେ ଯେ, ଗତ ଛଅ ମାସ ଧରି ଆମର ଅଧ୍ୟାପକ ଓ ଗବେଷକମାନେ ୨୦୨୫ ମସିହାର ୱାର୍ଲ୍ଡ ଇକନୋମିକ୍ ଫୋରମ୍‌ର 'ଗ୍ଲୋବାଲ୍ ଜେଣ୍ଡର ଗ୍ୟାପ୍ ରିପୋର୍ଟ' ଆଧାରରେ ମହିଳାଙ୍କ ଅଂଶଗ୍ରହଣର ସ୍ଥିତି ବିଷୟରେ ଗବେଷଣା କରୁଛନ୍ତି। ସେହି ରିପୋର୍ଟ ଅନୁସାରେ, ଆର୍ଥିକ କାର୍ଯ୍ୟକଳାପରେ କମ୍ ଅଂଶଗ୍ରହଣ, ଶିକ୍ଷାର ସୁଯୋଗର ଅଭାବ, ସ୍ୱାସ୍ଥ୍ୟ ସେବାରେ ସୀମିତ ପ୍ରବେଶ ଓ ରାଜନୈତିକ ସଶକ୍ତିକରଣରେ କମ୍ ଅଂଶଗ୍ରହଣ କାରଣରୁ ଭାରତ ୧୪୮ ଦେଶ ମଧ୍ୟରୁ ୧୩୧ତମ ସ୍ଥାନରେ ରହିଛି। ଏହି ପ୍ୟାନେଲ ଆଲୋଚନାରେ ମହିଳା ନେତୃତ୍ୱମାନେ କିପରି ଶାସନ, ସ୍ଥାୟୀ ଉନ୍ନତି, ସମୁଦାୟ ଉନ୍ନୟନ ଓ କର୍ପୋରେଟ୍ ଦାୟିତ୍ୱରେ ଅବଦାନ ରଖୁଛନ୍ତି, ସେଥିପରେ ଆଲୋଚନା ହୋଇଥିଲା। ପ୍ୟାନେଲିଷ୍ଟମାନେ ନିଜସ୍ୱ ଅନୁଭବ, ସମସ୍ୟା, ସମାଜରେ ଲିଙ୍ଗ ବିବିଧତାର ଗୁରୁତ୍ୱ ଓ ନେତୃତ୍ୱ ଭୂମିକାରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ବୃଦ୍ଧି ପାଇଁ ରଣନୀତି ବିଷୟରେ ମତ ରଖିଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ୬ ମହିଳା ଚାଷୀ ସମ୍ବର୍ଦ୍ଧିତ

**ସମ୍ବଲପୁର, ୮।୩ (ସମିସ) :** ଯୁଯୋମୁରା ବ୍ଲକର ଡଙ୍ଗରପଡ଼ା, ଘେନୁପାଲି ଓ ଟାମ୍ପରଗଡ଼ ପଞ୍ଚାୟତକୁ ନେଇ ଡଙ୍ଗରପଡ଼ା ପଞ୍ଚାୟତ ଭବନରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି (ଏଫଇଏସ) ତରଫରୁ ଆୟୋଜିତ ସଭାରେ ଡଙ୍ଗରପଡ଼ା ସରପଞ୍ଚ ଅୟସକାନ୍ତ ବଡ଼ପଣ୍ଡା, ଘେନୁପାଲି ସରପଞ୍ଚ ଜଗଦେଶ୍ୱର ମିର୍ଦ୍ଧା ଓ ନାରୀଶକ୍ତି ଇନ୍ଦିରା ବଡ଼ପଣ୍ଡା ଅତିଥିଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଦିଗରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏଫଇଏସ୍‌ର ଜିଲ୍ଲା ତାଲିମଦାତା ଲୀନାରାଣୀ ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ମହିଳା ବିକାଶ ନେଇ ନିଜର ନିଜର ଅଭିଭାଷଣ ରଖିଥିଲେ। ଏହି ଅବସରରେ ଜୈବିକ କୃଷି କ୍ଷେତ୍ରରେ ନିଜର ପରାକାଷ୍ଠା ପାଇଁ ମଞ୍ଜୁଲତା ବାରିକ, ଇଞ୍ଜିଲିନା କୁଜୁର, ପ୍ରମିଳା ନାଏକ, ମନ୍ଦାକିନୀ ମିର୍ଦ୍ଧା, ଅଞ୍ଜନା ମାଝୀ ଓ କଲ୍ୟାଣୀ ନାଏକଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମସ୍ତ ପଞ୍ଚାୟତର ସିଆରପି, ଏମ୍‌ବିକେ, କୃଷିମିତ୍ର, ପ୍ରାଣୀମିତ୍ର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଜେଣ୍ଡର ସିଆରପିମାନେ ପ୍ରମୁଖ ଯୋଗଦେଇଥିଲେ।

# ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ସମ୍ବଲପୁର, ୮।୩ (ସମିସ)**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋଆର୍‌ଏସ୍‌ଏ)ର ତତ୍ତ୍ୱାବଧାନରେ ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (ପ୍ଲେଟ୍ ଗ୍ରୁପ) ୨୦୨୫-୨୬ ପାଇଁ ଲିଗ୍ ମ୍ୟାଚ୍ ରବିବାର ଉଦ୍‌ଘାଟିତ ହୋଇଛି। ୮ ରୁ ୧୬ ତାରିଖ ପର୍ଯ୍ୟନ୍ତ ଏହା ସମ୍ବଲପୁରରେ ଅନୁଷ୍ଠିତ ହେଉଛି। ଉଦ୍‌ଘାଟନୀ ସମାରୋହରେ ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଘୋଷଣା କରିଥିଲେ। ସମ୍ବଲପୁରର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ମନଜିତ୍ ସିଂହ ସାନସନୱାଲ ମଧ୍ୟ ଉତ୍ସବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ପୂର୍ବତଟ ରେଳପଥ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳପଥ ମଧ୍ୟରେ ଖେଳାଯାଇଥିଲା। ଟସ୍ ଜିଣି ପୂର୍ବତଟ ରେଳପଥ ପ୍ରଥମେ କ୍ଷେତ୍ରରକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲା। ଦକ୍ଷିଣ କେନ୍ଦ୍ରୀୟ ରେଳପଥ ୨୦ ଓଭରରେ ୯ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଜବାବରେ ପୂର୍ବତଟ ରେଳପଥ ୧୮.୧ ଓଭରରେ ୪ ୱିକେଟ ହରାଇ ୧୫୮ ରନ୍ କରି ଛଅ ୱିକେଟରେ ବିଜୟୀ ହୋଇଥିଲା। ପୂର୍ବତଟ ରେଳପଥର ଅଭିଷେକ ଯାଦବ ୫୩ ରନ୍ କରିଥିଲେ ଏବଂ ଗୋଟିଏ ୱିକେଟ ନେଇଥିଲେ, ତାଙ୍କୁ 'ପ୍ଲେୟାର ଅଫ୍ ଦି ମ୍ୟାଚ୍' ଭାବରେ ବିବେଚିତ କରାଯାଇଥିଲା।

### ଭାଗନେଲେ ଭାରତୀୟ ରେଳବାଇର ୭ ଦଳ




ସମ୍ବଲପୁରରେ ହେଉଥିବା ପ୍ଲେଟ୍ ଗ୍ରୁପ୍ ଲିଗ୍ ମ୍ୟାଚରେ ମୋଟ ୭ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଦଳଗୁଡ଼ିକ ହେଉଛି ପୂର୍ବତଟ ରେଳପଥ, ଦକ୍ଷିଣ ରେଳପଥ, ଦକ୍ଷିଣ କେନ୍ଦ୍ରୀୟ ରେଳପଥ, ଇଣ୍ଟିଗ୍ରାଲ୍ କୋଚ୍ ଫ୍ୟାକ୍ଟ୍ରି (ଆଇସିଏଫ୍), ରେଳ କୋଚ୍ ଫ୍ୟାକ୍ଟ୍ରି (ଆର୍‌ସିଏଫ୍), ପଟିଆଲା ଲୋକୋମୋଟିଭ୍ ୱାର୍କସ୍ (ପିଏଲ୍‌ଡବ୍ଲୁ) ଏବଂ ଆରଡିଏସଓ। ଟୁର୍ଣ୍ଣାମେଣ୍ଟ ମ୍ୟାଚ୍ ସମ୍ବଲପୁର ରେଳବାଇ ଷ୍ଟାଡିୟମ ଏବଂ ସମ୍ବଲପୁରର ଭିଏସ୍‌ଏସ୍ ଷ୍ଟାଡିୟମରେ ଆୟୋଜିତ ହେଉଛି।

**ଆନ୍ତର୍ଜାତିକ ମହିଳା ଦିବସ**

# ମହିଳାଙ୍କ ସୁରକ୍ଷା ପାଇଁ ସମସ୍ତେ ଏକଜୁଟ ହେବାକୁ ଆହ୍ୱାନ

## ସିଆଇଟିୟୁ ଗଣତାନ୍ତ୍ରିକ ମହିଳା ସମିତି

ରାଉରକେଲା, ୮।୩(ସମିସ)

ସିଆଇଟିୟୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଓଡ଼ିଶା କୃଷକ ସଭା, ଗଣତାନ୍ତ୍ରିକ ଯୁବ ଫେଡେରେସନ, ଏସଏଫ୍ଆଇ, କ୍ଷେତ ମଜଦୁର ୟୁନିୟନ, ସୁନ୍ଦରଗଡ଼ ଜିଲ୍ଲା କମିଟି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ସେକ୍ଟର-୧୬ ସ୍ଥିତ ଶ୍ରମିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଗଣତାନ୍ତ୍ରିକ ମହିଳା ସମିତିର ଜିଲ୍ଲା ସଭାନେତ୍ରୀ ତାଜମୁନ ନେହାର ଓ ସିଆଇଟିୟୁ ଜିଲ୍ଲା ଉପସଭାପତି ଶ୍ରୀମନ୍ତ ବେହେରାଙ୍କ ମିଳିତ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ମୁଖ୍ୟବକ୍ତା ଭାବେ ପ୍ରାବନ୍ଧିକ ଡ.ନଗେନ ଦାସ ଯୋଗ ଦେଇଥିଲେ । ମହିଳା ମାନଙ୍କ ସୁରକ୍ଷା, ମୁକ୍ତି ଓ ଲିଙ୍ଗଗତ ଭେଦଭାବ ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ଆହ୍ୱାନ କରିଥିଲେ । ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ମହିଳା ନେତ୍ରୀ ସିନିଗୋ ବେସ୍ରା, ଜ୍ୟୋତ୍ସ୍ନାମୟୀ ଧୂପାଳ, ଅନିତା ନାୟକ, କୃଷକ ସଭା ମହିଳା ନେତ୍ରୀ ବୁଧନୀ ମୁଣ୍ଡାରୀ, ସୁରେନ୍ଦ୍ର ଦାଶ, ଆଇନଜୀବୀ ରାଜକିଶୋର ପ୍ରଧାନ, ଯୁବ ଫେଡେରେସନ ଜିଲ୍ଲା ସଭାପତି ଶେଖର ଶର୍ମା, କ୍ଷେତ ମଜଦୁର ୟୁନିୟନ ନେତା ରଜତ ମୁଣ୍ଡା, ଶ୍ରମିକ ନେତା ହୃଦୟାନନ୍ଦ ଯାଦବ, ବିଶ୍ୱଜିତ ମାଝୀ, ଦିବାକର ମହାରଣା, ଶାନ୍ତି ମିଞ୍ଜ, ଅଞ୍ଜଳି ଘୋଷ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମହିଳାଙ୍କୁ ସମାନତା ଅଧିକାର, ଲିଙ୍ଗଗତ ଭେଦଭାବ ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନ, ସମାନ କାମକୁ ସମାନ ମଜୁରି, ଆଶା, ଅଙ୍ଗନବାଡି ସମେତ ସମସ୍ତ ସ୍କିମ ଶ୍ରମିକଙ୍କୁ ଶ୍ରମିକର ମାନ୍ୟତା, ମହିଳା ଶ୍ରମିକଙ୍କୁ ରାତ୍ରିକାଳୀନ କାର୍ଯ୍ୟରେ ନିୟୋଜିତ କରିବାକୁ ପ୍ରତିବାଦ, ମହିଳା ଶ୍ରମିକ ମାନଙ୍କୁ ମାତୃତ୍ୱ ଛୁଟି ଦାବିରେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ଓ ମହିଳା ମାନଙ୍କୁ ସଂଗଠିତ ପାଇଁ ଆହ୍ୱାନ ଦେଇଥିଲେ ।

## ତାଲୁକ ଆଇନ୍ ସେବା ସମିତି

**ବଣାଇ:** ଗୁରୁଣ୍ଡିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ ସଭାଗୃହରେ ବଣାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଜଜ୍ ଆଶୁତୋଷ ଦାଶ ମୁଖ୍ୟ ଅତିଥି ଭାବେ, ସମ୍ମାନିତ ଅତିଥି ଭାବେ ସବ ଜଜ୍ ରଞ୍ଜନ ପ୍ରଧାନ, ଏସଡିଜିଏମ ପ୍ରୀତିଶ ମିଶ୍ର, ଗୁରୁଣ୍ଡିଆ ବିଡିଓ ହାବିଲ ଖାଖା, ତହସିଲଦାର ସୁକାନ୍ତ ନାୟକ, ଗୁରୁଣ୍ଡିଆ ଥାନା ଅଧିକାରୀ ପ୍ରଶାନ୍ତ ପ୍ରଧାନ, ବିଏସଏସଓ ଶୁକ୍ରମଣି ଓରାମ, ସମନ୍ୱିତ ଶିଶୁ ବିକାଶ ସୁପରଭାଇଜର ସୁଲୋଚନା ମହାନ୍ତ, ଇଥାଲ କାଙ୍ଗାଡି ପ୍ରମୁଖ ଉପସ୍ଥିତ ଥିଲେ । ବିଭିନ୍ନ କାର୍ଯ୍ୟରେ ମହିଳାଙ୍କ ଅଂଶଗ୍ରହଣ ଓ ଭାଗିଦାରୀକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ତାଲୁକ ଆଇନ ସେବା ସମିତି ଇନଚାର୍ଜ ଅନ୍ତର୍ଯ୍ୟାମୀ ପାତ୍ର ସହଯୋଗ କରିଥିଲେ । ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ ମହିଳା ମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ଶେଷରେ ତାଲୁକ ଆଇନ ସେବା ସମିତିର ରିଟେନର ମାନସରଞ୍ଜନ ପତି ଧନ୍ୟବାଦ ଅର୍ପଣ କରିଥିଲେ ।



## ଆର୍ଏସ୍ପିର ବିଶେଷ କାର୍ଯ୍ୟକ୍ରମ



**ରାଉରକେଲା:** ସିଭିକ୍ ସେଣ୍ଟରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ଅବ୍ୟବହିତ ପୂର୍ବରୁ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଦ୍ୱାରା ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଭାଷଣ, ସାଂସ୍କୃତିକ ପ୍ରଦର୍ଶନ ଏବଂ କୃତିତ୍ୱ ହାସଲକାରୀଙ୍କ ସ୍ୱୀକୃତି ସହିତ କାର୍ଯ୍ୟକ୍ରମରେ ସମାଜ ଗଠନ ଏବଂ କର୍ମକ୍ଷେତ୍ରରେ ଅବଦାନ ଦେବାରେ ମହିଳାମାନଙ୍କର ଅମୂଲ୍ୟ ଭୂମିକା ଉପରେ ଆଲୋକପାତ କରାଯାଇଥିଲା । ଆରଏସପି ଡିଆଇସି ଆଲୋକ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଭାରତୀୟ ପୌରାଣିକ କାହାଣୀ ଏବଂ ସାଂସ୍କୃତିକ ପରମ୍ପରାରେ ମହିଳାମାନଙ୍କୁ ଶକ୍ତି, ଜ୍ଞାନ, ସାହସ ଏବଂ ପରିବର୍ତ୍ତନର ଉତ୍ସ ଭାବେ ପୂଜା କରାଯାଏ ବୋଲି କହିଥିଲେ । କାର୍ଯ୍ୟକ୍ରମ ନିର୍ଦ୍ଦେଶକ ତଥା ବୈଜ୍ଞାନିକ ଲକ୍ଷ୍ମୀ ପନାଟ୍ ରାଷ୍ଟ୍ର ନିର୍ମାଣରେ ନବସୃଜନର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ । ଦୀପିକା ମହିଳା ସଂଘତିର ସଭାପତି ନମ୍ରତା ବର୍ମା, ଫୋର୍ବ୍ସ ଡବ୍ଲ୍ୟୁ ପାୱାର ୨୦୨୧ ତାଲିକାରେ ତୃତୀୟ ସ୍ଥାନ ଅଧିକାର କରିଥିବା ସମାଜର ବ୍ୟକ୍ତିତ୍ୱ ଏବଂ ପ୍ରଶଂସିତ ହିନ୍ଦୀ କବୟିତ୍ରୀ ପଦ୍ମିନୀ ଶର୍ମା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ, ସ୍ମିତା ଗିରି, ଡ.ପ୍ରତିଜ୍ଞା ପଲାଇ ଏବଂ ରୀତାରାଣୀ, ଡିଏମଏସର ଉପାଧ୍ୟକ୍ଷ ଉପସ୍ଥିତ ଥିଲେ । ଅନେକ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଏବଂ ବହୁ ସଂଖ୍ୟକ କର୍ମଚାରୀ ଯୋଗ ଦେଇଥିଲେ । ଏହି ଅବସରରେ ମାଟିଲଡାକୁଲୁ ଉପସ୍ଥିତ ଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ସମୂହର ଏକ ବୃତ୍ତ ଚିତ୍ର ପ୍ରଦର୍ଶିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମରେ ହିନ୍ଦୀ କବୟିତ୍ରୀ ପଦ୍ମିନୀ ଶର୍ମାଙ୍କ ପ୍ରଦର୍ଶନ ବେଶ୍ ଆକର୍ଷଣୀୟ ଥିଲା । ଏହା ସହିତ ବୋକାରୋ ଷ୍ଟିଲ୍ ପ୍ଲାଣ୍ଟ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସେଲ ସ୍ତରୀୟ ସ୍କିଟ୍ ପ୍ରତିଯୋଗିତାର ଫାଇନାଲିଷ୍ଟ ଦଳଗୁଡିକ ମହିଳା ସଶକ୍ତିକରଣ ବିଷୟବସ୍ତୁ ଉପରେ ସ୍କିଟ୍ ଉପସ୍ଥାପନ କରିଥିଲେ । ଅତିଥିଗଣ ପୂର୍ବରୁ ଆୟୋଜିତ ବିଭିନ୍ନ ରନ-ଅପ୍ ଇଭେଣ୍ଟର ବିଜେତା ଏବଂ ବିଚାରକମାନଙ୍କୁ ପୁରସ୍କୃତ କରିଥିଲେ । ପିକେ ସିଜିଏମ୍ (ଏଚ୍ଆର୍ଏଲ୍ ଆଣ୍ଡ ଡି) ତଥା ଆୟୋଜନ କମିଟି ଉପାଧ୍ୟକ୍ଷ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସିଜିଏମ୍ (ଇଉଟିଲିଟି ଏବଂ ଏନଭାୟରନମେଣ୍ଟ) ଆଶା କାର୍ଥା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ସିନିୟର ମ୍ୟାନେଜର (ବ୍ଲାଷ୍ଟ ଫର୍ଣ୍ଣେସ୍) ଆଲେନ୍ ଜାକବ୍ ଜନ୍ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ସୁରକ୍ଷା ଇଞ୍ଜିନିୟରିଂ ବିଭାଗ) ପ୍ରାଙ୍ଗ୍ୟା ପି. ନାଥ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ



**ରାଉରକେଲା:** ସ୍ଥାନୀୟ ସଂସ୍କୃତି ଭବନରେ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପ ଆରକ୍ଷୀ ଅଧୀକ୍ଷକ କାଦମ୍ବିନୀ ସାମଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୂଚିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଉପବାଚସ୍ପତି ଶ୍ରୀ ଭୋଇ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ମହତ୍ତ୍ୱ ଉପରେ ନିଜର ଅଭିଭାଷଣ ରଖିଥିଲେ । ଏକ ସୁସ୍ଥ ସମାଜ ଗଠନରେ ମହିଳା ମାନଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ କ୍ରୀଡା, ସଙ୍ଗୀତ ଓ ରଙ୍ଗୋଲି ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ସଫଳ କରିବାରେ ଉତ୍କର୍ଷ ପ୍ରଦର୍ଶନ କରିଥିବା ସିଡିପିଓ ସୁବାସୀ ମୁଣ୍ଡୁ, ଏମ୍ରେନ୍ସିଆ କୁଲୁ, ପୁଷ୍ପଲତା ନାୟକ, ସୁପରଭାଇଜର ବିଷ୍ଣୁପ୍ରିୟା ନାଏକ, ସେବତୀ ନାୟକ ଓ ଫୁଲ ମାନୀ ମହନ୍ତ, ଅଙ୍ଗନବାଡି କର୍ମୀ ଅନୀତା ଲାକ୍ରା, ଦୀପିକା କିଷାନରଶ୍ମିତା ଟପ୍ପୋ, ସହାୟିକା ମାନଙ୍କ ମଧ୍ୟରେ ସୁକାନ୍ତି ବାଗ, ଜ୍ୟୋତି ପ୍ରଧାନ ଓ ନାଗେଶ୍ୱରୀ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କବାଡିରେ କୁଆଁରମୁଣ୍ଡା ଚାମ୍ପିଅନ ଓ ସବଡେଗା ରନର୍ସ ଅପ୍, ଖୋଖୋରେ କୁତ୍ରା ଚାମ୍ପିଅନ ଏବଂ ଗୁରୁଣ୍ଡିଆ ରନର୍ସ ଅପ୍, ରଶିଟଣାରେ ଲାଠିକଟା ଚାମ୍ପିଅନ ଓ ଟାଙ୍ଗରପାଲି ରନର୍ସ ଅପ୍ ହୋଇଥିଲେ । କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡ଼ି କର୍ମୀ, ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ । ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା । ସଦର ସୁରକ୍ଷା ଅଧିକାରୀ ସୁଶିଳା ରଥ ମଞ୍ଚ ପରିଚାଳନା କରିଥିଲେ । ଶେଷରେ ଜିଲ୍ଲା ସୁରକ୍ଷା ଅଧିକାରୀ ସୁଷମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଜଣା ଗାଡ଼ି ଧକ୍କାରେ ୨ ମୃତ, ଜଣେ ଗୁରୁତର

**ଲହୁଣିପଡ଼ା, ୮।୩(ସମିସ):** ଲହୁଣିପଡ଼ା ଥାନା ୧୪୩ ନମ୍ବର ଜାତୀୟ ରାଜପଥ ଗୌଡୁଣିପୋଷ ଛକ ଭାରତ ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡି ଏକ ବାଇକକୁ ପଛ ପଟୁ ଧକ୍କା ଦେଇଛି । ଏଥିରେ ୩ ବାଇକ ଆରୋହୀଙ୍କ ମଧ୍ୟରୁ ଜଣକର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ଅନ୍ୟ ୨ ଜଣ ଗୁରୁତର ଅବସ୍ଥାରେ ରହିଥିବା ବେଳେ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ଆହତ ଜଣଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ରାଉରକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଯୁବକ ମାନଙ୍କ ପରିଚୟ ମିଳି ନଥିବା ବେଳେ ମୃତ ୨ ଜଣ ଯୁବକ ମାନେ ଜଣେ ଚାନ୍ଦିପୋଷ ଏବଂ କେବଲାଙ୍ଗ ଅଞ୍ଚଳର ବୋଲି ଖବର ରହିଛି । ପୁଲିସ ବାଇକ ଏବଂ ଶବକୁ ଜବତ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି ।

# ଅବସରପ୍ରାପ୍ତ ପୁଲିସ ଅଫିସର୍ସ ଆସୋସିଏସନର ବାର୍ଷିକ ଉତ୍ସବ




**ରାଉରକେଲା, ୮।୩(ସମିସ):** ଅବସରପ୍ରାପ୍ତ ପୁଲିସ ଅଫିସର୍ସ ଆସୋସିଏସନର ଅଷ୍ଟମ ବାର୍ଷିକ ଉତ୍ସବ ଛେଣ୍ଡ କଲୋନୀ କଳିଙ୍ଗ ବିହାର ସ୍ଥିତ ଉମାଶଙ୍କର ପୀଠ ଠାରେ ପାଳିତ ହୋଇଯାଇଛି । ଆସୋସିଏସନର ସଭାପତି ବିଶ୍ୱ ମୋହନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲ ଦ୍ୱାରା ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ଛେଣ୍ଡର ଆକ୍ୟୁପ୍ରେସର ଟିମ ଦ୍ୱାରା ଆୟୋଜିତ ଆକ୍ୟୁପ୍ରେସର ଚିକିତ୍ସା ଶିବିର ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହାକୁ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଉଦ୍‌ଘାଟନ କରିଥିଲେ । ପଶ୍ଚିମାଞ୍ଚଳର ଡିଆଇଜି ବ୍ରିଜେଶ ରାଏ ଆସୋସିଆସନର ଅଷ୍ଟମ ବାର୍ଷିକ ଉତ୍ସବକୁ ଶୁଭାରମ୍ଭ କରାଇଥିଲେ । ପ୍ରାରମ୍ଭରେ ଦିବଂଗତ ସଭ୍ୟ ଶରତ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ସାଧାରଣ ସମ୍ପାଦକ ଡକ୍ଟର ସୁମନ ଦତ୍ତ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ଦିନରେ ଆସୋସିଏସନ ଦ୍ୱାରା ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସମାଜରେ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତି ମାନଙ୍କୁ ଅତିଥି ମାନେ ଆସୋସିଏସନ ତରଫରୁ ସମ୍ବର୍ଦ୍ଧିତ କରିଥିଲେ । ସ୍ୱସ୍ତି ସାହିତ୍ୟ ସଂସଦର ସମ୍ପାଦକ ରାଜୀବ ପାଣି ଓ ଅବସରପ୍ରାପ୍ତ ଇନ୍ସପେକ୍ଟର ଦୁର୍ଗାପ୍ରସାଦ ପରିଡ଼ାଙ୍କୁ ସାରସ୍ୱତ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସମାଜସେବା କ୍ଷେତ୍ରରେ ରଘୁ ବଳ, ଅପୂର୍ବ ସାହାସିକତା କ୍ଷେତ୍ରରେ ଗୋପବନ୍ଧୁପାଲି ଫାଣ୍ଡିର ସିନ୍ମୟ ବଳ, ପ୍ଲେନ ଦୁର୍ଘଟଣାରୁ ବଞ୍ଚାଇଥିବା ଯାତ୍ରୀମାନଙ୍କୁ ଜଳଦା ଫାଣ୍ଡିର ଧ୍ୟାନଚାନ୍ଦ ଖିଲାର ଓ ଖେଳ କ୍ଷେତ୍ରରେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା । ଆସୋସିଏସନର ସବୁ ସଭ୍ୟମାନେ ନିଜ ନିଜର ସ୍ୱାସ୍ଥ୍ୟର ଯତ୍ନ ନେବା ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଡିଆଇଜି ବ୍ରିଜେଶ ରାଏ ମତ ପ୍ରକାଶ କରିଥିଲେ । ଆସୋସିଏସନ ପକ୍ଷରୁ ଅତିଥି ଓ ଅନ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସ୍ମୃତିଫଳକ ଦିଆଯାଇ ସମ୍ମାନିତ କରାଯାଇଥିଲା । ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଚୈତନ୍ୟ ବେହେରା, ମୋହନପାଣି କାରୁଆ, ସପନ ବରାଳ ଓ ଅନ୍ୟମାନେ ବକ୍ତବ୍ୟ ରଖିଥିଲେ । ଶେଷରେ ଉପସଭାପତି ଯଦୁମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଆଲୋଚନାଚକ୍ର



**ରାଉରକେଲା, ୮।୩(ସମିସ):** ରାଉରକେଲା ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆରେ ଫେବୃଆରୀ ୨୭ରୁ ଆରମ୍ଭ ହୋଇଥିବା ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା ୨୦୨୬ର ରବିବାର ଦଶମ ଦିବସରେ ସ୍ୱଦେଶୀ ଜାଗରଣ ମଞ୍ଚ ତତ୍ତ୍ୱାବଧାନରେ ଭୋକାଲ ଟୁ ଲୋକାଲ ଏବଂ ଲୋକାଲ ଟୁ ଗ୍ଲୋବାଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଉରକେଲା ଲଘୁ ଉଦ୍ୟୋଗ ଭାରତୀ ସଭାପତି ରାଜେଶ ଗର୍ଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଉରକେଲା ଏନ୍ଆଇଟି ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ପ୍ରଫେସର ରାଜୀବ ପଣ୍ଡା, ସୁନ୍ଦରଗଡ଼ ଓରମାସର ସିଇଓ କେଶବ ଝା, ରାଜ୍ୟ ସରକାରଙ୍କ ଏମ୍ଏସ୍ଏମ୍ଇ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ରାଉରକେଲା ଏସ୍କେ ପତି, ଜେଏସ୍ଏସ୍ ନିର୍ଦ୍ଦେଶକ ସଞ୍ଜୀବ ମିଶ୍ରଙ୍କ ସମେତ ମହିଳା ଉଦ୍ୟୋଗୀ ତଥା ୱାଟରକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶିକା ନିହାରିକା ବସ୍ତିଆ ଯୋଗ ଦେଇଥିଲେ । ଭିମସେନ ନାୟକ ଆଲୋଚନାଚକ୍ରକୁ ପରିଚାଳନା କରିଥିଲେ । ଭୋକାଲ ଟୁ ଲୋକାଲ ଏବଂ ଲୋକାଲ ଟୁ ଗ୍ଲୋବାଲ ହେବା ପାଇଁ ଉଦ୍ୟୋଗ କ୍ଷେତ୍ରରେ ମହିଳାମାନେ ସାମ୍ନା କରୁଥିବା ବିଭିନ୍ନ ପ୍ରକାର ପ୍ରତିବନ୍ଧକ ଉପରେ ଆଲୋକପାତ କରିଥିଲେ । ଏନ୍ଆଇଟି ପ୍ରଫେସର ରାଜୀବ ପଣ୍ଡା ତାଙ୍କ ବକ୍ତବ୍ୟରେ ଭୋକାଲ ଟୁ ଲୋକାଲ-ଲୋକାଲ ଟୁ ଗ୍ଲୋବାଲ ହେବାକୁ ମାର୍ଗଦର୍ଶନ କରିଥିଲେ । ସୁନ୍ଦରଗଡ଼ ଓରମାସ୍ ସିଇଓ କେଶବ ଝା ଓରମାସ୍ ପକ୍ଷରୁ ଆୟୋଜିତ ଜାତୀୟ ସ୍ତରୀୟ ସରସ ସ୍ୱଦେଶୀ ମେଳା ମାଧ୍ୟମରେ ମହିଳା ଉଦ୍ୟୋଗୀ ସେମାନଙ୍କ ପଦାର୍ଥ ପ୍ରଦର୍ଶନ ସହିତ ବିକ୍ରୟ ମଧ୍ୟ କରିପାରିବେ ବୋଲି କହିଥିଲେ । ସେହିପରି ଏମ୍ଏସ୍ଏମ୍ଇ ମାଧ୍ୟମରେ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ୫୦ ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଉଥିବା ବେଳେ, ପଦାର୍ଥର ସଠିକ ମୂଲ୍ୟ ପାଇଁ ଆବଶ୍ୟକ ହେଉଥିବା ବାରକୋର୍ଡ ପାଇଁ ୭୦ ହଜାର ଟଙ୍କା ଏବଂ ଅନ୍ୟାନ୍ୟ ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ଋଣ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି । ମହିଳାଙ୍କ କ୍ଷେତ୍ରରେ ଶତ ପ୍ରତିଶତ ଛାଡ ରହିଛି । ୱା ।ଟରକ୍ରାଫ୍ଟର ପରିଚାଳନା ନିର୍ଦ୍ଦେଶିକା ନିହାରିକା ବସ୍ତିଆ ଉଦ୍ୟୋଗ କ୍ଷେତ୍ରର ଅସୁବିଧା ସହିତ ଗ୍ଲୋବାଲ ହେବା ପାଇଁ ଆବଶ୍ୟକତା ବିଷୟରେ କହିଥିଲେ । ଜେଏସ୍ଏସ୍ ନିର୍ଦ୍ଦେଶକ ସଞ୍ଜୀବ ମିଶ୍ର ନିଜ ବକ୍ତବ୍ୟ ରଖିଥିବା ବେଳେ ରିତେଶ ହାଲଦାର ଧନ୍ୟବାଦ ଅର୍ପଣ କରିଥିଲେ ।

### ସ୍ୱଦେଶୀ ମେଳାରେ କୃଷକ କର୍ମଶାଳା

**ରାଉରକେଲା:** ରାଉରକେଲାର ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ସରସ ସ୍ୱଦେଶୀ ମେଳାରେ ପାନପୋଷ କୃଷି ଜିଲ୍ଲା କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ କୃଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ପାନପୋଷ କୃଷି ଜିଲ୍ଲା ଅଧୀନ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ଏବଂ ଲାଠିକଟା ବ୍ଲକର ଚାଷୀ କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଏମକେୟୁୱାଇ ଯୋଜନାରେ ଲାଭ, ଯୋଗ୍ୟତା ମାନଦଣ୍ଡ ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ଚାଷୀଙ୍କୁ ସଚେତନତା ସୃଷ୍ଟି କରିବା ସହିତ କୃଷି ଉଦ୍ୟୋଗକୁ ପ୍ରୋତ୍ସାହିତ କରିବା ଏବଂ କୃଷକ ଏବଂ ଗ୍ରାମୀଣ ଯୁବକମାନଙ୍କୁ କୃଷି-ଭିତ୍ତିକ ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଉତ୍ସାହିତ କରିବା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା । ଅଧିବେଶନରେ, ସୁନ୍ଦରଗଡ଼ର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ, ସୁନ୍ଦରଗଡ଼ ସହାୟକ କୃଷି ନିର୍ଦ୍ଦେଶକ (ମୃତ୍ତିକା), ଦୀପ୍ତି ପଟେଲ, ସୁନ୍ଦରଗଡ଼ ଜିଲ୍ଲା ପରିଚାଳକ ସୁବୋଧ ତନୟା ପାଣିଗ୍ରାହୀ ଏବଂ ନୂଆଗାଁ ବ୍ଲକ କୃଷି ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସମେତ କୃଷି ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏମକେୟୁୱାଇ ଯୋଜନା ଅଧୀନରେ ପ୍ରକଳ୍ପ ପ୍ରସ୍ତାବ ପ୍ରସ୍ତୁତ କରିବା ଏବଂ ସରକାରୀ ସହାୟତା ପାଇବା ବିଷୟରେ ମଧ୍ୟ ଚାଷୀଙ୍କୁ ମାର୍ଗଦର୍ଶନ କରାଯାଇଥିଲା । ଚାଷୀଙ୍କୁ ଆଧୁନିକ କୃଷି ଉପକରଣ, ଅବନତିଶୀଳ ମୃତ୍ତିକା ସ୍ୱାସ୍ଥ୍ୟ କିପରି ପୁନରୁଦ୍ଧାର କରିବେ ଏବଂ ଫସଲର ବିବିଧତା ପାଇଁ ଆଗେଇ ଆସିବେ ସେ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା । କର୍ମଶାଳାରେ ଚାଷୀଙ୍କର ବିଭିନ୍ନ ସନ୍ଦେହ ମୋଚନ କରାହୋଇଥିଲା । ପାନପୋଷ କୃଷି ଜିଲ୍ଲା ଅଧିକାରୀ ଜି ଜୟନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବରସୁଆଁ ଟିପର ଆସୋସିଏସନର ନୂତନ କର୍ମକର୍ତ୍ତା ଗଠିତ

**ରାଉରକେଲା, ୮।୩(ସମିସ):** ବରସୁଆଁ ଟିପର ଆସୋସିଏସନର ନୂତନ କର୍ମକର୍ତ୍ତା ୨୦୨୬-୨୭ ବର୍ଷ ପାଇଁ ଗଠିତ ହୋଇଯାଇଛି । କମିଟିରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସୁଶାନ୍ତ ବିଶ୍ୱାଳ ଓ ସୁମିତ ରାଉଳ ନିର୍ବାଚିତ ହୋଇଛନ୍ତି । ସାଧାରଣ ସମ୍ପାଦକ ଭାବେ ରମେଶ ଚନ୍ଦ୍ର ସ୍ୱାଇଁ, ସାଂଗଠନିକ ସମ୍ପାଦିକା ଭାବେ ସୁସ୍ମିତା ତିର୍କୀ, ଯୁଗ୍ମ ସମ୍ପାଦକ ଭାବେ ବାବୁଲାଲ ସିଂହ ଓ ସାଇମନ୍ ଡାଙ୍ଗ୍, କୋଷାଧ୍ୟକ୍ଷ ଭାବେ ଦୀପକ ମେହେନା, ଯୁଗ୍ମ କୋଷାଧ୍ୟକ୍ଷ ଭାବେ ଦିଗମ୍ବର ବେହେରା ନିର୍ବାଚିତ ହୋଇଥିବା ସୂଚନା ମିଳିଛି । ଉପଦେଷ୍ଟା ଭାବେ ଅସିତ ଚୌଧୁରୀ, ବଜରଙ୍ଗ ଅଗ୍ରୱାଲ, ପ୍ରଭାତ ପଣ୍ଡା ଓ ପ୍ରସନ୍ନ ନାୟକ ମନୋନୀତ ହୋଇଛନ୍ତି । ସେହିପରି ଆଇନ ପରାମର୍ଶଦାତା ଭାବେ ମହେଶ୍ୱର ନନ୍ଦୀ ରହିଛନ୍ତି । ଗତ ୬ ତାରିଖ ସନ୍ଧ୍ୟାରେ ବରସୁଆଁ ଠାରେ ଟିପର ଆସୋସିଏସନର ସମସ୍ତ କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ବସି ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି ।

# ପଞ୍ଜାବ ଚାଲାଣ ହେଉଥିବା ଗଞ୍ଜେଇ ବୋଝେଇ ଟ୍ରକ୍ ଜବତ

ରାଉରକେଲା, ୮।୩(ସମିସ)




ବୌଦ୍ଧରୁ ପଞ୍ଜାବ ଚୋରା ଚାଲାଣ ହେଉଥିବା ଏକ ଗଞ୍ଜେଇ ବୋଝେଇ ଟ୍ରକକୁ ସୁନ୍ଦରଗଡ଼ ଟାଉନ ଥାନା ପୁଲିସ ଜବତ କରିଛି । ଘଟଣାରେ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି । ଗିରଫ ଦ୍ୱୟ ବୀରେନ୍ଦ୍ର ପାଲ (୩୮) ଏବଂ ଟ୍ରକ ଚାଳକ ଅଜୟ (୩୨) ବୋଲି ସୂଚନା ରହିଛି । ଗିରଫ ବୀରେନ୍ଦ୍ରର ଘର ପଞ୍ଜାବ ରାଜ୍ୟ ଲୁଧିଆନା ଜିଲ୍ଲା ମୁଣ୍ଡିଆ ଅଧୀନ କୁନାଲ କଲୋନୀରେ ହୋଇଥିବା ବେଳେ ଚାଳକ ଅଜୟର ଘର ପଞ୍ଜାବ ପଟିଆଲା ଜିଲ୍ଲା ମେହନ୍ଦ୍ରଗଞ୍ଜ ଥାନା ଅଧୀନ ରାଜପୁରା ଅଞ୍ଚଳରେ ବୋଲି ଜଣାପଡ଼ିଛି । ବୌଦ୍ଧ ଅଞ୍ଚଳରୁ ଏକ ଟ୍ରକରେ ବିପୁଳ ପରିମାଣରେ ଗଞ୍ଜେଇ ବୋଝେଇ ହୋଇ ସୁନ୍ଦରଗଡ଼ ଦେଇ ପଞ୍ଜାବର ଲୁଧିଆନା ଅଞ୍ଚଳକୁ ଚୋରା ଚାଲାଣ ହେଉଥିବା ନେଇ ଏସପି ଅମ୍ରିତପାଲ କୌର ଖବର ପାଇଥିଲେ । ଟ୍ରକକୁ ଧରିବା ପାଇଁ ଟାଉନ ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ଏସ୍ପି କୌରଙ୍କ ତତ୍ତ୍ୱାବଧାନରେ ସଦର ଏସଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠିତ ହୋଇଥିଲା । ସୁନ୍ଦରଗଡ଼ ଟାଉନ ଥାନା ଅଧୀନ ବିଜୁ ଏକ୍ସପ୍ରେସ ପାର୍ଶ୍ୱ ସୁଶୀଳା ମୋଟର୍ସ ନିକଟରୁ ଉକ୍ତ ଗଞ୍ଜେଇ ବୋଝେଇ ଟ୍ରକକୁ ଜବତ କରାଯାଇଥିଲା । ଟ୍ରକରୁ ୮ଟି ବସ୍ତା ଜବତ କରାଯାଇଥିଲା । ସେଥିରେ ମୋଟ ୧ କ୍ୱିଣ୍ଟାଲ ୪୬ କେଜି ଓଜନର ଗଞ୍ଜେଇ ମିଳିଥିଲା । ଯାହାର ଆନୁମାନିକ ବଜାର ମୂଲ୍ୟ ୩୦ ଲକ୍ଷ ଟଙ୍କା ହେବ ବୋଲି ସୁନ୍ଦରଗଡ଼ ଟାଉନ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ଅମ୍ରିତପାଲ କୌର ସୂଚନା ଦେଇଛନ୍ତି । ଏହି ସମୟରେ ଅତିରିକ୍ତ ଏସପି ଶାନ୍ତା ନୂତନ ସାମଦ ଓ ଏସଡିପିଓ ନିର୍ମଳ ମହାପାତ୍ର ଉପସ୍ଥିତ ଥିଲେ ।

**୩୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୨ ଗିରଫ**

# ଅନ୍ତର୍ଜାତୀୟ ମହିଳା ଦିବସ

# ମହିଳାଙ୍କ ଉଦ୍ୟମରେ ହିଁ ଉନ୍ନତ ସମାଜ ଗଠନ ସମ୍ଭବ







## ବ୍ରାହ୍ମଣ ମହିଳା ସମିତି

**ଝାରସୁଗୁଡ଼ା, ୮।୩(ସମିସ):** ଝାରସୁଗୁଡ଼ା ବ୍ରାହ୍ମଣ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଏକ ଘରୋଇ ହୋଟେଲରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନରସିଂହ ତ୍ରିପାଠୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଗୁଡିଆ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାଙ୍କ ଉଦ୍ୟମରେ ହିଁ ଏକ ଉନ୍ନତ ସମାଜ ଗଠନ ହୋଇ ପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ଜ୍ୟୋତିର୍ମୟୀ ବେହେରା ସମାଜସେବା ଓ ଦୀନଦୁଃଖୀଙ୍କ ସେବା ହିଁ ପରମ ଆନନ୍ଦ ବୋଲି ମତ ରଖିଥିଲେ। ମହିଳା ଦିବସ ଅବସରରେ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଙ୍କ ସହିତ ଝାରସୁଗୁଡ଼ା ବ୍ରାହ୍ମଣ ସମାଜର ଶତାଧିକ ମହିଳା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ କିଛି ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ

**ଝାରସୁଗୁଡ଼ା:** ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ଦେୱାନୀ ବିଚାରପତି ସଦ୍ଧାରଥ, ବରିଷ୍ଠ ଦେୱାନୀ ବିଚାରପତି (ଏଲଆର) ଦେବଶ୍ରୀ ସାହୁ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ମାନେ ଏବଂ ଆଇୟୁଏଫ୍‌ଡବ୍ଲ୍ୟୁ ଉପଆରକ୍ଷୀ ଅଧିକ୍ଷକ ବନିତା ମାଝୀ ଉପସ୍ଥିତ ଥିଲେ। ଅତିଥିମାନେ ମହିଳା ମାନଙ୍କର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ୍ ଯଥା ଯୌତୁକ ନିର୍ଯାତନା, ଘରୋଇ ହିଂସା, କନ୍ୟା ଭ୍ରୁଣହତ୍ୟା, ମହିଳା ମାନଙ୍କ ସୁରକ୍ଷା ପାଇଁ ଆଇନରେ ଥିବା ବିଭିନ୍ନ ନିୟମ ଓ ଦଣ୍ଡବିଧାନ ଆଦି ବିଷୟରେ ଆଲୋଚନା କରିଥିଲେ। ମହିଳା ମାନଙ୍କ ସୁରକ୍ଷା ପାଇଁ ପୁଲିସ ପ୍ରଶାସନର ବିଭିନ୍ନ ନିୟମ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଉପ ମୁଖ୍ୟ ଆଇନ ସହାୟତା ପ୍ରତିପକ୍ଷ ଓକିଲ ଡମାଳି ପଟେଲ, ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ତପନ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଣିଜ୍ୟ ଅଧ୍ୟାପକ ଡ. ଯାଦବ ଦେବୀ ପ୍ରସାଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଜିଲ୍ଲା ଆଇନସେବା ପ୍ରାଧିକରଣ ସେବାସଦନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାଧିକରଣର ବିଭିନ୍ନ ଯୋଜନା ଯଥା ମାଗଣା ଆଇନ ସେବା, ପୀଡିତା କ୍ଷତିପୂରଣ ଯୋଜନା, ଲୋକ ଅଦାଲତ ଓ ମଧ୍ୟସ୍ଥତା ମାଧ୍ୟମରେ



କୋର୍ଟରେ ବିଚାରାଧୀନ ମାମଲା ଗୁଡିକର ସମାଧାନ, ନାଲସାର ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ ଇତ୍ୟାଦି ବିଷୟରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏହାସହ ବର୍ତ୍ତମାନ ଚାଲୁଥିବା ମଧ୍ୟସ୍ଥତା ଅଭିଯାନ ଓ ଆସନ୍ତା ମାର୍ଚ୍ଚ ୧୪ରେ ହେବାକୁ ଥିବା ଜାତୀୟ ଲୋକ ଅଦାଲତରେ କେଉଁ ପ୍ରକାର ମାମଲା ଗୁଡିକର ସମାଧାନ ଅପୋଷ ବୁଝାମଣା ମାଧ୍ୟମରେ ହୋଇ ପାରିବ ସେ ବିଷୟରେ ପ୍ରାଧିକରଣ ସଚିବ ଅବଗତ କରାଇଥିଲେ। ଏହାର ଲାଭ ଉଠେଇବା ପାଇଁ ଲୋକଙ୍କୁ ସଚେତନ କରିବା ପାଇଁ କହିଥିଲେ। ସବିଶେଷ ସୂଚନା ପାଇଁ ଜାତୀୟ ହେଲ୍ପଲାଇନ ନମ୍ବର ୧୫୧୦୦ କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟ ନମ୍ବର ୦୬୬୪୫-୨୭୩୪୭୦ରେ ଯୋଗାଯୋଗ କରିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ପ୍ରଦାନ କରିଥିଲେ।

## ଦେବଗଡ଼ରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ପଦଯାତ୍ରା

**ଦେବଗଡ଼:** ଜିଲ୍ଲା କ୍ରୀଡ଼ା ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ସମ୍ପର୍କିତ ଶକ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଭାରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ ମହନ୍ତଙ୍କ ତତ୍ତ୍ୱାବଧାନରେ ମହିଳା ମାନଙ୍କ ଶକ୍ତି ପଦଯାତ୍ରା ବାହାରିଥିଲା। ପଦଯାତ୍ରାକୁ ଜିଲ୍ଲାପାଳ କବିନ୍ଦ୍ର ସାହୁ, ଏସ୍‌ପି ଅନିଲ ମିଶ୍ର ଓ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଶୁଭାରମ୍ଭ କରିଥିଲେ। ଶକ୍ତି ପଦଯାତ୍ରା ସହର ପରିକ୍ରମା କରି ଇଣ୍ଡୋର ଷ୍ଟାଡିୟମ ଠାରେ ପହଞ୍ଚିଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ସାହୁ, ସମ୍ମାନିତ ଅତିଥି ଏସ୍‌ପି ଶ୍ରୀ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ, ଡେପୁଟି କଲେକ୍ଟର ଏକ୍ଲିନ ବାରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସୁରତୀ ପ୍ରଧାନ, ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ ଓ ମୁକେଶ ଭୋଇ, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ଜିଲ୍ଲାର ସମସ୍ତ ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ମହାବିଦ୍ୟାଳୟର ଛାତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ପୁଲିସ ମୁଖ୍ୟାଳୟ

**ଦେବଗଡ଼:** ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ ଆଜି ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଏସ୍‌ପି ଅନିଲ ମିଶ୍ର ଯୋଗ ଦେଇଥିଲେ। ପୁଲିସ ବିଭାଗରେ ମହିଳା ପୁଲିସଙ୍କ ଅବଦାନକୁ ସମ୍ମାନ ଜଣାଇଥିଲେ। ସେମାନଙ୍କର ପରିଶ୍ରମ ଓ ସାହସ ସମାଜ ପାଇଁ ପ୍ରେରଣା ଓ ଉଦାହରଣ ସୃଷ୍ଟି କରୁଛି ବୋଲି ଏସ୍‌ପି ଶ୍ରୀ ମିଶ୍ର ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ମାହାନା, ଡିଏସ୍‌ପି (ଡିଆଇବି) ପବିତ୍ର କିଷାନ, ଡିଏସ୍‌ପି (ଏଚ୍‌ଆରପିସି) ଅମୂଲ୍ୟ ପୁନମ ଲାକ୍ରା, ରିଜର୍ଭ ଇନ୍ସପେକ୍ଟର ହମ୍ବିରା ସୋରେନ, ଦେବଗଡ଼ ଥାନା ଇନ୍ସପେକ୍ଟର ମାନିନୀ ପ୍ରଧାନ ଓ ଖଇରପାଲି ଫାଣ୍ଡି ଅଧିକାରୀଣି ଇନ୍ସପେକ୍ଟର ବିଷ୍ଣୁପ୍ରିୟା ରଣା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପୁଲିସ ବିଭାଗରେ ବହୁ ମହିଳା ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

## ସୁଭଦ୍ରା ଚତୁର୍ଥ କିସ୍ତି ସହ ବାଲ୍ୟବିବାହ ମୁକ୍ତ ଅଭିଯାନ

**ଝାରସୁଗୁଡ଼ା:** ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ରବିବାର ଝାରସୁଗୁଡ଼ା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ 'ଅନ୍ତର୍ଜାତୀୟ ମହିଳା ଦିବସ-୨୦୨୬' ଏବଂ 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭାସୀ ମାଧ୍ୟମରେ ରାଜ୍ୟସ୍ତରରେ ୧ କୋଟିରୁ ଅଧିକ ମହିଳାଙ୍କୁ ୫ ହାଜର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଏଥିରେ ଜିଲ୍ଲାର ୧, ୩୦, ୭୦୪ ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। ମହିଳା ସଶକ୍ତିକରଣ କ୍ଷେତ୍ରରେ ପ୍ରମୁଖ ପଦକ୍ଷେପ ସ୍ୱରୂପ ଜିଲ୍ଲାରେ ଚାଲିଥିବା 'ବାଲ୍ୟବିବାହ ମୁକ୍ତ ଅଭିଯାନ'ର ୧୦୦ ଦିନିଆ କାର୍ଯ୍ୟକ୍ରମ ଆଜି ସମ୍ପୂର୍ଣ୍ଣ ହୋଇଛି। ସମାଜରୁ ବାଲ୍ୟବିବାହ ପରି କୁସଂସ୍କାରକୁ ଦୂର କରି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଏହି ଅଭିଯାନ ମାଇଲଖୁଣ୍ଟ ସଦୃଶ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସମ୍ମିଳନୀରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଓ ସମ୍ମାନଜନକ ଜୀବନ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିୟା, ରାଜସ୍ୱ ମନ୍ତ୍ରୀ ଏବଂ ସାଂସଦଙ୍କ ପ୍ରତିନିଧି ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ରୀଡା ଓ କଳା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଅଙ୍ଗନବାଡ଼ି କର୍ମୀ, ସ୍ଥାନୀୟ ମହିଳା ଏବଂ ସ୍କୁଲ୍‌ସ୍ତରୀୟ ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ମହିଳାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ତିୟା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଫଳତା ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ

**ଦେବଗଡ଼:** ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ବିଭାଗୀୟ ଅଧିକାରୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେରେ ଅନ୍ତର୍ଜାତୀୟ ମହିଳା ଦିବସ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କରା ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ କବିନ୍ଦ୍ର ସାହୁ, ବରଣ୍ୟ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, ଭାରପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ପ୍ରଜିତ୍ ଭୋଜ ଯୋଗ ଦେଇଥିଲେ। ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରିବା ସହ ସମାଜ ପ୍ରତି ଥିବା ମହିଳାଙ୍କ ଦାୟିତ୍ୱ ସମ୍ପର୍କରେ ଅତିଥିମାନେ ମତ ପୋଷଣ କରିଥିଲେ। ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସିଡିପିଓ, ଲେଡିସ ସୁପର୍‌ଭାଇଜର, ଅଙ୍ଗନବାଡ଼ି କର୍ମୀ ଓ ସହାୟିକା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ, ଜଣା ଅଜଣା, ରଚନା ଓ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କ ମଧ୍ୟରେ କବାଡି, ଖୋ ଖୋ ଓ ସଙ୍ଗୀତ, ଝୋଟି ପ୍ରତିଯୋଗିତା ହୋଇଥିଲା। ସେଗୁଡ଼ିକରେ ପ୍ରଥମ, ଦ୍ୱିତୀୟ, ତୃତୀୟ ଆଦି କୃତୀ ପ୍ରତିଯୋଗୀ ମାନଙ୍କୁ ମୁଖ୍ୟ ଅତିଥି ଓ ବରଣ୍ୟ ଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପୁରସ୍କୃତ କରାଯାଇଥିଲା। ବାରକୋଟ ବ୍ଲକର କଲା ଅଙ୍ଗନବାଡ଼ିକର୍ମୀ ରଜିପ୍ତା ବିଶ୍ୱାଳ ଓଡ଼ିଶାର ପ୍ରଥମ ଅଙ୍ଗନବାଡ଼ିକର୍ମୀ ଭାବେ ଆଜି ରାଜ୍ୟସ୍ତରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ପରେ ପରେ ଦେବଗଡ଼ ଜିଲ୍ଲାର ୮୦ ହଜାରରୁ ଊର୍ଦ୍ଧ୍ୱ ମହିଳା ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅର୍ଥ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମିଶନ ଶକ୍ତି, ମହିଳା ସିଡିପିଓ, ଅଙ୍ଗନବାଡି କର୍ମୀ, ସଖୀ, ସୁପରଭାଇଜର, ସୁଭଦ୍ରା କିସ୍ତି ପାଇଥିବା ମହିଳା, ଏମ୍‌ବିକେର ମହିଳାମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସଂଯୋଜନା କରିଥିଲେ।

## ବନ୍ଧବାହାଲରେ ବ୍ରାଉନସୁଗାର ଜବତ, ଜଣେ ଗିରଫ

**ଇବଥର୍ମାଲ, ୮।୩(ସମିସ):** ଜିଲ୍ଲା ବନହରପାଲି ଥାନା ବନ୍ଧବାହାଲ ଫାଣ୍ଡି ଅଞ୍ଚଳରେ ପୁଲିସ ବ୍ରାଉନସୁଗାର ଜବତ କରିଛି। ବନ୍ଧବାହାଲ ମହାଦେବ ପଡ଼ାରେ ରହୁଥିବା ମୁକେଶ ଝା ଓରଫ୍ ଗୁଡ୍ଡୁକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଆଜି ସକାଳେ ବନ୍ଧବାହାଲ ଫାଣ୍ଡି ଅଧିକାରୀ ରମେଶ ଭଁଇସା ପାଟ୍ରୋଲିଂ କରୁଥିଲେ। ବିଓସିଏମ୍ ଛକପଟୁ ଏକ ବାଇକରେ ମୁକେଶ କିଛି ସନ୍ଦେହଜନକ ଜିନିଷ ନେଉଥିବା ସନ୍ଦେହ କରି ପିଛା କରିଥିଲେ। ବାଇକକୁ ଅଟକାଇ ତଲାସୀ କରିବାରୁ ବାଇକରୁ ୬ ଗ୍ରାମ ବ୍ରାଉନସୁଗାର ବାହାରିଥିଲା। ଏହାସହ ୬୭ ହଜାର ୭ଶହ ଟଙ୍କା, ଏକ ବାଇକ (ଓଡି୨୩ଏଫ୍୧୫୧୩) ଓ ଗୋଟିଏ ମୋବାଇଲ ଫୋନ୍ ଜବତ ହୋଇଥିଲା। ବନହରପାଲି ଥାନାରେ ଏନେଇ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ମୁକେଶ ମୂଳତଃ ବିହାର ମୁଜାଫରପୁରର ବୋଲି ଜଣାପଡ଼ିଛି।

## ହୋଟେଲ କର୍ମଚାରୀ ମୃତ

**ଝାରସୁଗୁଡ଼ା, ୮।୩(ସମିସ):** ଝାରସୁଗୁଡ଼ା ବିମାନ ବନ୍ଦର ଥାନା ଅଧୀନ ଏକ ହୋଟେଲରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ଶନିବାର ମୃତ୍ୟୁ ଘଟିଛି। ଆଇଓସିଏଲ୍ ନିକଟରେ ଥିବା ମାମୁଁ ହୋଟେଲରେ ମନୋଜ ସିଂ ନାମକ ଜଣେ ବୃଦ୍ଧ ବ୍ୟକ୍ତି ବହୁ ଦିନ ଧରି କାମ କରି ଆସୁଥିଲେ। ଶନିବାର ତାଙ୍କର ଶରୀର ଅସୁସ୍ଥ ହେବାରୁ ସ୍ଥିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ପ୍ରାୟ ୭ରୁ ୮ ମାସ ହେବ ବୃଦ୍ଧ ଜଣକ ପ୍ରଥମେ ଅଞ୍ଚଳରେ ବୁଲାବୁଲି କରୁଥିବା ବେଳେ ପରେ ସ୍ଥାନୀୟ ମାମୁଁ ହୋଟେଲରେ କାର୍ଯ୍ୟ କରି ଜୀବିକା ଉପାର୍ଜନ କରୁଥିଲେ। ପୁଲିସ ମୃତକଙ୍କ ଶବ ବ୍ୟବଚ୍ଛେଦ ପରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ପଶ୍ଚିମ ଓଡ଼ିଶା ସଂକୀର୍ତ୍ତନ ପରିଷଦର ସମ୍ମିଳନୀ

**ଦେବଗଡ଼/ରିଆମାଳ, ୮।୩(ସମିସ):** ରିଆମାଳ ବ୍ଲକ ଅଧୀନ ନାଉଲିପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରେ ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ସଙ୍କୀର୍ତ୍ତନ ପରିଷଦ ସଭାପତି ହେମନ୍ତ ମହାପାତ୍ର, ସମ୍ପାଦକ ମାନଭଞ୍ଜନ ନାୟକଙ୍କ ଆହ୍ୱାନ କ୍ରମେ ଏବଂ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ସଭାପତି ରୋହିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଏଲିନା ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିଖିଳ ଉତ୍କଳ ସଙ୍କୀର୍ତ୍ତନ ମହାସଂଘ ସଭାପତି ବାବା ପଞ୍ଚଦେବ ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, ସୁବର୍ଣ୍ଣପୁର, ନୂଆପଡ଼ା, ବୌଦ୍ଧ, କଳାହାଣ୍ଡି ଓ ଦେବଗଡ଼ ଜିଲ୍ଲାରୁ ସଙ୍କୀର୍ତ୍ତନ ମଣ୍ଡଳୀ ମାନେ ଯୋଗ ଦେଇଥିଲେ। ସମାଜସେବୀ ଲୋକନାଥ ପ୍ରଧାନ, ରିଆମାଳ ବ୍ଲକ ସଙ୍କୀର୍ତ୍ତନ ପରିଷଦ ସଂଯୋଜକ ମନୋଜ ପ୍ରଧାନ ଓ ନାଉଲିପଡ଼ା ଗ୍ରାମବାସୀ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ କର୍ମଶାଳା

### ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କ ଯୋଗଦାନ

**ଝାରସୁଗୁଡ଼ା, ୮।୩(ସମିସ):** ଜିଲ୍ଲା କାର୍ଯ୍ୟାଳୟ ସ୍ଥିତ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ 'ସୂଚନା ଅଧିକାର ଆଇନ, ୨୦୦୫' କର୍ମଶାଳା-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଦିନିକିଆ କର୍ମଶାଳାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି. ଆର ରାଘବେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ନିଜ ଅଭିଭାଷଣରେ କହିଥିଲେ ଯେ, ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ମାଧ୍ୟମରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି ହେବା ସହ ନାଗରିକମାନେ ସରକାରୀ ଯୋଜନା ବିଷୟରେ ସିଧାସଳଖ ତଥ୍ୟ ପାଇପାରିବେ। ସେହିଭଳି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି.ଆର ରାଘବେନ୍ଦ୍ର କହିଥିଲେ ଯେ, ଆର୍‌ଟିଆଇକୁ କେବଳ ଆଇନଗତ ପ୍ରକ୍ରିୟା ବା ଅଭିଯୋଗ ପଦ୍ଧତି ଭାବେ ନଦେଖି ଏକ ଉନ୍ନତ ମ୍ୟାନେଜମେଣ୍ଟ ସିଷ୍ଟମ ଭାବେ ଗ୍ରହଣ କରିବା ଉଚିତ। ଆଜିର କର୍ମଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଲୁମିନସ ପ୍ରାଇଭେଟ୍ ଲିମିଟେଡର ପ୍ରଶିକ୍ଷକ ରଞ୍ଜନ ବକ୍ସି ସୂଚନା ଅଧିକାର ଆଇନରେ ଦରଖାସ୍ତ ଗ୍ରହଣ ଅନଲାଇନରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ଆବଶ୍ୟକ ରେଜିଷ୍ଟର ଲିପିବଦ୍ଧ କରିବା, ଜନ ସୂଚନା ଅଧିକାରୀ, ସହକାରୀ ଜନ ସୂଚନା ଅଧିକାରୀ ଆଦି ପ୍ରଦର୍ଶିତ କରିବା ଆଦି ବିଷୟରେ ବିଶଦ ଆଲୋଚନା କରିଥିଲେ। ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଜିଲ୍ଲାପାଳ ଓ ଅତିଥିମାନଙ୍କ ଦ୍ୱାରା ନଗଦ ଅର୍ଥରାଶି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ପ୍ରଶ୍ନୋତ୍ତର ଅଧିବେଶନରେ ଅଧିକାରୀ ମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## କୁଲତା ସମାଜର 'କୁର ଅଭିଷେକ' ଉତ୍ସବ

**ଝାରସୁଗୁଡ଼ା, ୮।୩(ସମିସ):** ଲପଙ୍ଗା ପୀଠରେ ରାଜରାଜୁଡା ଶାସନ ସମୟରୁ କୁଲତା ଜାତିରେ ପାରମ୍ପରିକ ପ୍ରଥା 'କୁର ଅଭିଷେକ' ଉତ୍ସବ ପ୍ରଚଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ରବିବାର ବ୍ରଜରାଜନଗର ଖଲିଆକାନି ଗାଁରେ ଗଣ୍ଡଘୋରା ପାଲିର 'କୁର ଅଭିଷେକ ' ଉତ୍ସବ ପାଳନ ସହ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଲପଙ୍ଗା ପୀଠର ପିଠାଧୀଶ ପ୍ରଦୀପ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଲପଙ୍ଗା ପୀଠ ସଭାପତି ଲଳିତ ସାହୁ, କଦେଲପିଟା ପୀଠ ସଭାପତି କ୍ଷିରୋଦ ପ୍ରଧାନ, ଅଡ଼ାପରା ପୀଠ ସଭାପତି ରଘୁମଣୀ ପ୍ରଧାନ, ଜୟପୁର ପ୍ରଗଣା ମାଳକ କୁବେର ପ୍ରଧାନ, ସମାସିଙ୍ଗା ପ୍ରଗଣା ମାଳକ ଶୋଉକିଲାଲ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ରୁଦ୍ର ନାରାୟଣ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖଗେଶ୍ୱର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ରମେଶ ବାରିକ, ସୁରେନ୍ଦ୍ର ପ୍ରଧାନ, ଶେଖର ବିଶି, କୃଷ୍ଣ ଚନ୍ଦ୍ର ପ୍ରଧାନ, ଉପେନ୍ଦ୍ର ଭୋଇ, ଶାନ୍ତି ସାହୁ, ଅଶୋକ ସାହୁ, ରୂପୀନ୍ଦ୍ର ବଡ଼େଇ ପ୍ରମୁଖ କୁର ଅଭିଷେକର ଉଦ୍ଦେଶ୍ୟ ଏବଂ କର୍ତ୍ତବ୍ୟ ବିଷୟରେ ବକ୍ତବ୍ୟ



ପ୍ରଦାନ କରିଥିଲେ। ଗଣ୍ଡଘୋରା ପ୍ରଗଣାର ମନୋନୀତ କୁର ଲଳିତ ସାଙ୍କୁ ଲପଙ୍ଗା ପିଠାଧୀଶ ପ୍ରଦୀପ ସାହୁ ପଗଡ଼ି ପିନ୍ଧାଇ ଅଭିଷେକ କରିବା ସହ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ପରେ କୁର ଏବଂ ତାଙ୍କ ଧର୍ମପତ୍ନୀ କନକଲତା ସାଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ଘରକୁ ନିଆଯାଇଥିଲା। ଅନୁଷ୍ଠିତ ସଭାରେ ହୃଦାନନ୍ଦ ମାଝୀ ଏବଂ ଜଗଦୀଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମାଁ ରାମଚଣ୍ଡୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଖଲିଆକାନିର ସୁନିତା ଖମାରି ସିମା ସାହୁ, କଲ୍ୟାନୀ ସା, କଲ୍ୟାଣୀ ବିଶି ଏବଂ ରଶ୍ମିରେଖା ସା ପ୍ରମୁଖଙ୍କ ଦ୍ୱାରା ନିର୍ମିତ ବସ୍ତ୍ରର ଷ୍ଟଲ ଲଗାଇ ପ୍ରଦର୍ଶନୀ କରିବା ସହ ସାମଗ୍ରୀ ବିକ୍ରି କରିଥିଲେ।

## ସ୍ତ୍ରୀକୁ ପିଟି ପିଟି ହତ୍ୟା ଘଟଣା: ଅଭିଯୁକ୍ତ ସ୍ୱାମୀକୁ କୋର୍ଟ ଚାଲାଣ

**ଦେବଗଡ଼, ୮।୩(ସମିସ):** ବୟସରୁ ବଡ ସ୍ତ୍ରୀଙ୍କୁ ବାଡିରେ ପିଟି ପିଟି ହତ୍ୟା ଘଟଣାରେ ଅଭିଯୁକ୍ତ ସ୍ୱାମୀକୁ ରବିବାର ବାରକୋଟ ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଦାଲତରେ ଜାମିନ ଆବେଦନ ନାମଞ୍ଜୁର ହେବାରୁ ବିଚାର ଅଭିଯୁକ୍ତକୁ ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୁନ୍ଦରଗଡ଼ ଜିଲ୍ଲା ବଣାଇଁ ଥାନାଞ୍ଚଳ ଫୁଲଝରୀ ଗାଁର ରବି ବେହେରାଙ୍କ ମୃତ୍ୟୁ ପରେ ସ୍ତ୍ରୀ ମଞ୍ଜୁ ବେହେରା (୪୫) ଘର ଛାଡ଼ିଥିଲେ। ତିନି ବିବାହିତା ଝିଅ ଓ ୧୨ ବର୍ଷର ଏକମାତ୍ର ପୁଅକୁ ଛାଡ଼ି ଅନୁଗୋଳ ଜିଲ୍ଲା ସମଲ ଥାନାଞ୍ଚଳ ପବିତ୍ରନଗର ଅଞ୍ଚଳର ଅଜିତ ଦେହୁରୀ (୨୫)ଙ୍କ ସହିତ ସ୍ୱାମୀ-ସ୍ତ୍ରୀ ଭାବେ ରହୁଥିଲେ। ଉଭୟେ ଭିକ୍ଷାବୃତ୍ତି କରି ବାର ଦ୍ୱାରରେ ଆଶ୍ରୟ ନେଇ ଚଳୁଥିଲେ। ଗତ ଶୁକ୍ରବାର ରାତ୍ରିରେ ମଞ୍ଜୁ ଓ ଅଜିତ ବମ୍ପରଡା ସ୍ଥିତ ୪ର୍ଥ ଆଇଆର ବାଟାଲିୟନ କ୍ୟାମ୍ପସ ପଛପଟେ ଥିବା ବାଘମାରୀ ଜଙ୍ଗଲରେ ଆଶ୍ରୟ ନେଇଥିଲେ। କୌଣସି କଥାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଉତ୍ୟକ୍ତ ଅଜିତ ବାଡିରେ ନିର୍ମମ ଭାବେ ପିଟିବାରୁ ମଞ୍ଜୁଙ୍କ ମୃତ୍ୟୁ ଘଟିଥିଲା। ସୂଚନା ପାଇ ବାରକୋଟ ଥାନା ଅଧିକାରୀ ସୁଶାନ୍ତ ବଡ଼ାଇ ଜଙ୍ଗଲରୁ ମଞ୍ଜୁଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତ ମଞ୍ଜୁଙ୍କ ଝିଅ ସାବିତ୍ରୀଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁକରି ତଦନ୍ତ ଚଳାଇବା ସହ ଅଭିଯୁକ୍ତ ଅଜିତକୁ ଅଟକ ରଖି ପଚରା ଉଚରା କରୁଥିଲା। ଆଜି ପୁଲିସ ପକ୍ଷରୁ ଅଜିତକୁ କୋର୍ଟ ଚାଲାଣ କରାଯାଇଥିଲା।

## ଓରିଏଣ୍ଟ ଥାନାର ନୂତନ କୋଠା ଲୋକାର୍ପିତ

**ବ୍ରଜରାଜନଗର, ୮।୩(ସମିସ)**

ବ୍ରଜରାଜନଗର ପୌରାଞ୍ଚଳ ଅଧୀନ ୯ ନମ୍ବର ଛକ ସାଇ ମନ୍ଦିର ରାସ୍ତା ପାଖରେ ଏନଏଚ ୪୯ ପାର୍ଶ୍ୱରେ ଓରିଏଣ୍ଟ ଥାନାର ନୂତନ କୋଠାକୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଭର୍ଚୁଆଲ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ଲୋକାର୍ପଣ ଉତ୍ସବରେ ଥାନା ପରିସରରେ ସହରର ବହୁ ବୁଦ୍ଧିଜୀବୀ, ବିଭିନ୍ନ ଦଳର ରାଜନୈତିକ ବ୍ୟକ୍ତି, ସ୍ଥାନୀୟ ଭାରପ୍ରାପ୍ତ ନଗରପାଳ, ନିର୍ବାହୀ ଅଧିକାରୀ, ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଏସଡିପିଓ ଚିନ୍ତାମଣି ପ୍ରଧାନଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ଓରିଏଣ୍ଟ ଥାନା ଅଧିକାରୀ କ୍ଷମାସାଗର ନାୟକ ସହଯୋଗ କରିଥିଲେ। ଜାତୀୟରାଜପଥ ୪୯ରେ ହେଉଥିବା ଦୁର୍ଘଟଣା ରାସ୍ତା କଡ ପାର୍କିଂ ଉପରେ ପୁଲିସ ନଜର ରହିବ ଓ ଲୋକମାନେ ଯାତାୟାତରେ ସୁବିଧା ହେବ। ଖୁବ କମ ଦିନ ମଧ୍ୟରେ ପୁରୁଣା ଥାନାରୁ ସମସ୍ତ କାଗଜପତ୍ର ନୂଆ ଥାନାକୁ ସ୍ଥାନାନ୍ତର କରାଯିବ ବୋଲି ଏସଡିପିଓ ପ୍ରକାଶ କରିଛନ୍ତି।

### ଥାନା ସ୍ଥାନାନ୍ତର ବିରୋଧରେ ଅଭିଯୋଗପତ୍ର

**ବ୍ରଜରାଜନଗର:** ବ୍ରଜରାଜନଗରର ବୁଢ଼ିଜାମ ଅଞ୍ଚଳର ସୁରକ୍ଷାର ମୂଳ ଆଧାର ବୋଲି ପରିଚିତ ଓରିଏଣ୍ଟ ଥାନା ବର୍ତ୍ତମାନ ସ୍ଥାନାନ୍ତର ହେବାକୁ ଯାଉଛି। ପ୍ରାୟ ପାଞ୍ଚ ଦଶକ ଧରି ଏହି ଥାନା ଅଞ୍ଚଳର ସୁରକ୍ଷା ଦାୟିତ୍ୱ ବହନ କରିଆସୁଛି। ହେଲେ ବର୍ତ୍ତମାନ ପ୍ରାୟ ତିନି କିଲୋମିଟର ଦୂରକୁ ସ୍ଥାନାନ୍ତର କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଅଞ୍ଚଳର ସୁରକ୍ଷା ପାଇଁ ଭାଲେଣି ପଡ଼ିଛି। ଓରିଏଣ୍ଟ ଥାନାର ନୂତନ ଭବନ ଉଦ୍‌ଘାଟନ ଅବସରରେ ଅଞ୍ଚଳବାସୀ ଚିନ୍ତା ବ୍ୟକ୍ତ କରି ଅଧିକାରୀ ମାନଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ରାଜୁ ସିଂହ, ପ୍ରଭାତ ଯାଦବ, ରାଜୀବ ସିଂହ ଓ ମନ୍ଦୀପ ସିଂହଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦାମାନେ ବ୍ରଜରାଜନଗର ଉପଖଣ୍ଡ ପୁଲିସ ଅଧିକାରୀଙ୍କୁ ଝାରସୁଗୁଡ଼ା ଏସ୍‌ପିଙ୍କ ନାମରେ ଅଭିଯୋଗପତ୍ର ଦେଇଥିଲେ। ଏହାର ପ୍ରତିଲିପି ସ୍ଥାନୀୟ ବିଧାୟକ, ସାଂସଦ ଏବଂ ଝାରସୁଗୁଡ଼ା ଜିଲ୍ଲାପାଳ ସହ ଅନ୍ୟାନ୍ୟ ଉଚ୍ଚ ଅଧିକାରୀଙ୍କୁ ମଧ୍ୟ ପଠାଯାଇଛି।



ଗ୍ରାମବାସୀଙ୍କ କହିବା ଅନୁଯାୟୀ ୱାର୍ଡ ନମ୍ବର ୧, ୨, ୩, ୧୪, ୧୭ ଓ ୨୨ ସହ ପାଖାପାଖି ଅଞ୍ଚଳରେ ପ୍ରାୟ ୨୦ ହଜାର ଲୋକ ବସବାସ କରୁଛନ୍ତି। ଏହି ଅଞ୍ଚଳରେ ଅନେକ ପ୍ରମୁଖ ବିଦ୍ୟାଳୟ, ବ୍ୟାଙ୍କ ଓ ଡାକଘର ରହିଛି। ନିକଟରେ ଥାନା ଥିବାରୁ ମହିଳା ଓ ଛାତ୍ରୀମାନଙ୍କ ପାଇଁ ସୁରକ୍ଷାର ଭରସା ଥିଲା। ବିଶେଷକରି ରାତିରେ କୌଣସି ଆପତ୍‌କାଳୀନ ଘଟଣା କିମ୍ବା ପାରିବାରିକ ହିଂସା ଘଟିଲେ ତିନି କିଲୋମିଟର ଦୂରରେ ଥିବା ଥାନାରେ ପହଞ୍ଚିବା ସାଧାରଣ ଲୋକଙ୍କ ପାଇଁ କଷ୍ଟସାଧ ହେବ। ଗ୍ରାମବାସୀମାନେ କହିଛନ୍ତି ଯେ ବୁଢ଼ିଜାମ ଅଞ୍ଚଳରେ ବିଭିନ୍ନ ଭାଷା ଓ ଧର୍ମର ଲୋକମାନେ ବାସ କରି ଆସୁଛନ୍ତି। ପର୍ବପର୍ବାଣୀ ଓ ସାର୍ବଜନୀନ କାର୍ଯ୍ୟକ୍ରମରେ ଏଠାରେ ପୁଲିସର ବିଶେଷ ଆବଶ୍ୟକତା ରହିଛି। ପୁଲିସର ଉପସ୍ଥିତି କମିଲେ ଦୁର୍ବୃତ୍ତ ଓ ଅସାମାଜିକ ବ୍ୟକ୍ତିଙ୍କ ଅପରାଧିକ କାର୍ଯ୍ୟ, ଚୋରି ଓ ହିଂସା ଘଟଣା ବଢ଼ିବାର ଆଶଙ୍କା ରହିଛି। ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ଯେ ଥାନା ସ୍ଥାନାନ୍ତର ହେଲେ ମଧ୍ୟ ପୁରୁଣା ଓରିଏଣ୍ଟ ଥାନା ପରିସରରେ ଅତି କମ୍‌ରେ ପୁଲିସ ଫାଣ୍ଡି ରଖାଯାଉ। ଏହାଦ୍ୱାରା ଲୋକମାନେ ସହଜରେ ତାଙ୍କର ଅଭିଯୋଗ ଦାଖଲ କରିପାରିବେ ଏବଂ ଅଞ୍ଚଳରେ ପୁଲିସ ନିରୀକ୍ଷଣ ମଧ୍ୟ ରହିବା ସମ୍ଭବ ହେବ।

## ଥାନା ପକ୍ଷରୁ ରକ୍ତଦାନ ଶିବିର: ୩୩ ୟୁନିଟ୍ ରକ୍ତ ସଂଗ୍ରହ

**କୁଣ୍ଢେଇଗୋଲା, ୮।୩(ସମିସ):** ଦେବଗଡ଼ ଜିଲ୍ଲା ପୁଲିସ ପକ୍ଷରୁ କୁଣ୍ଢେଇଗୋଲା ଥାନାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଜୋହାନ କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ ଚନ୍ଦ୍ର ମାହାନା ଓ ଡିଏସପି ଅମୁଲ୍ୟ ପୁନମ ଲାକ୍ରା ଅତିଥି ଭାବେ ଶିବିରର ଶୁଭାରମ୍ଭ କରିଥିଲେ। ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ଶିବିର ଆୟୋଜନର ଲକ୍ଷ୍ୟ ଥିଲା। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପୁଲିସ ଏହି ପଦକ୍ଷେପ ଗ୍ରହଣ କରିଥିଲା। କିଛି ଦିନ ପୂର୍ବରୁ ବାରକୋଟ ଥାନା, ଦେବଗଡ଼ ଥାନା ଏବଂ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ହୋଇଥିଲା। ଆଗକୁ ଅନ୍ୟ ସମସ୍ତ ଥାନା ପକ୍ଷରୁ ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ଜିଲ୍ଲା ଏସ୍‌ପି ଅନୀଲ ମିଶ୍ର ପ୍ରକାଶ କରିଛନ୍ତି।

## ୭୭ ଗାଁ ବାଲ୍ୟବିବାହ ମୁକ୍ତ ଘୋଷିତ



ବରଗଡ଼, ୮ ।୩(ସମିସ): ବରଗଡ଼ ଜିଲ୍ଲାର ୭୭ ଗାଁକୁ ବାଲ୍ୟ ବିବାହ ମୁକ୍ତ ଘୋଷଣା କରାଯାଇଛି । ଏଥିବରେ ଅତାବିରା ବ୍ଲକର ୧୩ ଗାଁ ରହିଛି । ସେହିଭଳି ଭେଡେନର ବ୍ଲକର ୯ ଗାଁ ଥିବାବେଳେ ବିଜେପୁର ବ୍ଲକର ୫୫ଟି ଗ୍ରାମ ରହିଛି । ସ୍ଥାନୀୟ ଯଦୁମଣି ପ୍ରେକ୍ଷାଳୟରେ ରବିବାର ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏହା ଘୋଷଣା କରିଛନ୍ତି । କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ସୁରେଶ୍ୱର ଶତପଥୀ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲାର ୪, ୦୭, ୬୯୭ ଆବେଦନକାରୀଙ୍କ ମଧ୍ୟରୁ ୩, ୭୫, ୦୧୯ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ଟଙ୍କା ମିଳିଥିବା ସୂଚନା ଦିଆଯାଇଛି ।

## ପାଇକମାଳରେ ମାନସିକ ସ୍ୱାସ୍ଥ୍ୟ ଶିବିର



ପାଇକମାଳ, ୮ ।୩ (ସମିସ): ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାନସିକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଡା. ହରିପ୍ରିୟା ମହାନ୍ତି ରୋଗୀଙ୍କ ଚିକିତ୍ସା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ । ଲୋକଙ୍କୁ ମାନସିକ ରୋଗ ବିଷୟରେ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗର ଫକୀର ମୋହନ ବାଗ, ସୁପରଭାଇଜର ବାବୁନ ସାହୁ ଉପସ୍ଥିତ ଥିଲେ ।

## ଥୁଆପାଲିରେ ରକ୍ତଦାନ ଶିବିର

ଥୁଆପାଲି, ୮ ।୩(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଲାୟନ୍ସ କ୍ଲବ୍ ଓ ଲିଓ କ୍ଲବ୍ ପକ୍ଷରୁ ଝରାପାଲି ମାର୍କେଟ ଥୁଆପାଲିରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବୀର ସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ରକ୍ତ ଭଣ୍ଡାର ଅଧିକାରୀ ଡ. ରାକେଶ ବେହେରା, ଟେକନିସିଆନ ଦେବାଷିଶ ମିଶ୍ର, ସନ୍ତୋଷ ତାରା, ସଞ୍ଜୀବ ବେରା, ପାଏନୁ ଭୋଇ ଓ ଜନକ ବେହେରା ଯୋଗଦେଇ ୨୧ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ । ସନ୍ତୋଷ ପାଢ଼ୀ, କୁଶ ପ୍ରଧାନ, ସନ୍ତୋଷ ପ୍ରଧାନ, ଓମ୍ ବାଗ, ଦୀପକ ଅଗ୍ରୱାଲ, ବିନୟ ପାଣ୍ଡୁ, ଭି ରମେଶ ପ୍ରମୁଖ ସହଯୋଗ କରିଥିଲେ । ଶଙ୍କର ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ ।



## ରେଡିଏନ୍ସ ଅନୁଷ୍ଠାନରେ ଗୁରୁ ସମ୍ମିଳନୀ



ବିଜେପୁର, ୮ ।୩(ସମିସ): ସ୍ଥାନୀୟ ପ୍ରକୃତି ବିହାରସ୍ଥିତ ରେଡିଏନ୍ସ ଅନୁଷ୍ଠାନ ପକ୍ଷରୁ ଗୁରୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ଚେୟାରମ୍ୟାନ ଅଜିତ ମେହେର, ଅଧ୍ୟକ୍ଷ ପ୍ରଫେସର ଘନଶ୍ୟାମ ମେହେର, ଗୋବିନ୍ଦ ମେହେର, ପ୍ରଫେସର ରେବନ୍ତ ମେହେର, ଆଡମିନିଷ୍ଟ୍ରେଟିଭ ଡାଇରେକ୍ଟର ନେତ୍ରମଣି ମେହେର, ଉପାଧ୍ୟକ୍ଷ ସଞ୍ଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ପ୍ରଫୁଲ୍ଲ ପଧାନ, ଆଲୋକ ପୋଢ଼, ସଞ୍ଜୟ ପଧାନ, ସୁରେନ୍ଦ୍ର ସେଠ୍, ଡିଙ୍ଗର ବାଗ, ଅଧ୍ୟାପିକା ସୁପ୍ରିୟା ମେହେର, କୁମୁଦିନୀ ବାରିକ, ହେଲିଶା ବେହେରା, ଆୟୁଷା ପଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ୧୦୧ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ସାମ୍ବାଦିକ ନିରଞ୍ଜନ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଇଂରାଜୀ ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭଟଲି, ୮ ।୩(ସମିସ): ସ୍ଥାନୀୟ ଦଧିବାମନ ମହାବିଦ୍ୟାଳୟ ଇଂରାଜୀ ପ୍ରାଧ୍ୟାପକ ବିଶ୍ୱଜିତ ହୋତାଙ୍କ ପଟେଲଙ୍କ ସୁନ୍ଦରଗଡ଼ ଜିଲ୍ଲା ଡୁଡୁକାସ୍ଥିତ ଭେଷଜ ମହାବିଦ୍ୟାଳକୁ ଅଧ୍ୟକ୍ଷ ପଦରେ ପଦୋନ୍ନତି ହୋଇଛି । ମହାବିଦ୍ୟାଳୟ ଭଟଲି ତରଫରୁ ଶ୍ରୀ ପଟେଲଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏଥିରେ ଅବସରର ପ୍ରାପ୍ତ ପ୍ରାଧ୍ୟାପକ ଶ୍ୟାମଲାଲ ନାୟକ ଯୋଗ, ଅଧ୍ୟାପକ ରାଜୀବ ସାହୁ, ପ୍ରାଧ୍ୟାପକ ଚୂଡ଼ାମଣି ରଥ, ରବିନାରାୟଣ ପଣ୍ଡା, ଜୟନ୍ତୀ ସାହୁଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧ୍ୟାପକ ଦୀପକ ପତି ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପିକା ରାଜଶ୍ରୀ ନାଥ ଧନ୍ୟବାଦ ଅର୍ପଣ କରିଥିଲେ ।



### ରାଜବୋଡ଼ାସମ୍ବର କୃଷକ ସଂଗଠନର ବୈଠକ

# ବିସ୍ଥାପନ ବିହୀନ ଜଳ ସେଚନ ପାଇଁ ଦାବି

ପାଇକମାଳ, ୮ ।୩(ସମିସ)



କ୍ରମାଗତ ମରୁଡ଼ି ଅଣଜଳସେଚିତ ପଦ୍ମପୁର ଉପଖଣ୍ଡର ଚାଷୀଙ୍କ ମେରୁଦଣ୍ଡ ଦୋହଲାଇ ଦେଇଛି । ପଦ୍ମପୁର ଉପଖଣ୍ଡର ଜୀବନ ରେଖା ହେଉଛି ଅଙ୍ଗ ନଦୀ; କିନ୍ତୁ ବର୍ଷା ଜଳର ସୁପରିଚାଳନା ଅଭାବରୁ ତଥା ରାଜନୈତିକ ଇଚ୍ଛାଶକ୍ତିର ଅଭାବରୁ ଏକ ସମୃଦ୍ଧ କୃଷି ଅଞ୍ଚଳର ଚାଷୀ ତାହାର ଲାଭ ପାଉନାହାନ୍ତି । ଅନ୍ୟପଟେ ଏହି ବାଲି ମାଫିଆଙ୍କ ଦୌରାତ୍ମ୍ୟରୁ ଶୋଷିତ ହୋଇ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି । ସ୍ଥାନୀୟ ଚେତନା ଶ୍ରମିକ ସଂଘରେ ପାଇକମାଳ ରାଜବୋଡ଼ାସମ୍ବର କୃଷକ ସଂଗଠନର ଏକ ବୈଠକରେ ଏହି ମତ ପ୍ରକାଶ ପାଇଛି । ସଂଗଠନର ଆଇନ ପରାମର୍ଶଦାତା ଅଜିତ ଶତପଥୀଙ୍କ ସଭାପତିତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଚିର ମରୁଡ଼ି ପ୍ରପୀଡ଼ିତ ପଦ୍ମପୁର ଉପଖଣ୍ଡର ଚାଷୀ ଜଳସେଚନ ଅଭାବରୁ କ୍ରମାଗତ ମରୁଡ଼ିର ଶିକାର ହେଉଛନ୍ତି । ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଗଲାଣି । ପାଇକମାଳ ମାନବୋଧପାଲି, ଝାରବନ୍ଧ ବ୍ଲକର ଅନାଦିବାହାଲ, ବଡ଼କୁଞ୍ଜାରୀ, ପାଇକମାଳ ବ୍ଲକର ପୂଝରୀପାଲି/ ମୋହନପାଲି, ପଦ୍ମପୁର ବ୍ଲକର ଦଙ୍ଗାଘାଟ ଓ ଗାଇସିଲଟ ବ୍ଲକର ଜାମୁଟବାହାଲରେ ଆନ୍ତ ନଦୀ ଷ୍ଟୋରେଜ କିମ୍ବା ଆନିକଟ କରି ଜଳସେଚନ ପାଇଁ ସର୍ଭେ କରି ସରକାରଙ୍କୁ ଫିଜିବିଲିଟି ରିପୋର୍ଟ ପଠାଯାଇଥିଲା । ସେହିପରି ମାନବଢ଼ପାଲି ପ୍ରକଳ୍ପର ସର୍ଭେ ପରେ ଫଜିବିଲିଟି ରିପୋର୍ଟ ଦାଖଲ ହୋଇଥିଲା । ଏହି ପ୍ରକଳ୍ପ ଆଜି ପର୍ଯ୍ୟନ୍ତ ଅନୁମୋଦନ ଲାଭ କରିନାହିଁ । ମନବୋଧପାଲି ପ୍ରକଳ୍ପ ହେଲେ ମିଠାପାଲି, ମାଣ୍ଡିଆଢ଼ିପା, ପାଇକମାଳ, କେଛୋଦାଦର, ଭେଙ୍ଗରାଜପୁର, ପଲସଦା ତଥା କେର୍ମେଲବହାଲ ପଞ୍ଚାୟତର ହଜାର ହଜାର ହେକ୍ଟର ଜମି ଜଳସେଚିତ ହେବ । ଚାଷୀ ଉପକୃତ ହେବେ । ଏହାର ପାଣି କେନାଲ ମାଧ୍ୟମରେ କୁମୁଡି ନାଲା ପ୍ରକଳ୍ପରେ ପଡ଼ି ପଦ୍ମପୁର ବ୍ଲକର ଜମି ମଧ୍ୟ ଜଳସେଚିତ ହେବ । ଏହା ଦ୍ୱାରା କେହି ବିସ୍ଥାପିତ ହେବେନାହିଁ । ସରକାରଙ୍କୁ ମଧ୍ୟ ଜମିଅଧିଗ୍ରହଣ କରି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ । ଏଣୁ ଏହି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରାଯିବାକୁ ସୋମବାର ପାଇକମାଳରେ ହେବାକୁ ଥିବା ଜିଲ୍ଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମରେ ଏକ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏପ୍ରିଲ ପ୍ରଥମ ସପ୍ତାହରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବାହାରିବ । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଦ୍ମପୁର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଛି । ବୈଠକରେ ରାଜବୋରାସମ୍ବର କୃଷକ ସଂଗଠନର ଉପ ସଭାପତି ସୁବାସ ସାମନ୍ତରାୟ ପାଇକମାଳ ସଂଗଠନର ବେଦବର ସାହୁ, କୌତୁକ ସାହୁ, ରାଜୀବ ସାହୁ, ଚିତ୍ତରଞ୍ଜନ ପ୍ରଧାନ, ଭୁବନେଶ୍ୱର ପ୍ରଧାନ, ହୋତସନ ସାହୁ, ପୁଷ୍ପାନନ୍ଦ ସାହୁ, ବିରଞ୍ଚି ବରିହା ପ୍ରମୁଖ ଉପସ୍ଥିତ ଥିଲେ ।

## ୭୨ ଜଣ ମହିଳା ସମ୍ବର୍ଦ୍ଧିତ

ଝାରବନ୍ଧ, ୮ ।୩ (ସମିସ): ସ୍ଥାନୀୟ ଡିଗ୍ରୀ କଲେଜରେ ରବିବାର ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ସୁସ୍ଥ ସମାଜ ଗଠନ ପାଇଁ ନାରୀର ଭୂମିକା ପ୍ରସଙ୍ଗରେ ଏକ ଆଲୋଚନା ହୋଇଥିଲା । ସମାଜରେ ମହିଳାଙ୍କ ଅବଦାନ, ସଶକ୍ତିକରଣ ଓ ସମ୍ମାନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଇଓ ଶୁଭମ ପତି, ଅତିରିକ୍ତ ତହସିଲଦାର ବିଶ୍ୱକେଶନ ପୁରୋହିତ, ଝାରବନ୍ଧ ଥାନା ଏଏସଆଇ ଗୟାରାମ ଷାଣ୍ଢ, ଜଗଦଲପୁର ପିଏଚସିର ଡାକ୍ତର ଗାୟତ୍ରୀ ନନ୍ଦ, ମହିଳା ସୁପରଭାଇଜର ଜାହ୍ନବୀ ମେହେର, କନିଷ୍ଠ ଯନ୍ତ୍ରୀ ସରିତା ପିଙ୍ଗ, ସୋନିଆ ମାଝୀ, କୁମୁଦିନୀ ସାହୁ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଝାରବନ୍ଧ ଗାଁ କମିଟି ସଭାପତି ମୋହନ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଜଗଦୀଶ ସାହୁ, ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜୟ କୁମାର ନିଗମ, ହରିହର ସାହୁ, ସତ୍ୟମ ପ୍ରଧାନ, ମାନଭଞ୍ଜନ ବେହେରା, ଉମାକାନ୍ତ ପ୍ରଧାନ, ନନ୍ଦକିଶୋର ଅଗ୍ରୱାଲ, ଗୋବିନ୍ଦ ପଟେଲ, ଅଧ୍ୟାପକ ଖ୍ୟାତିମୟ ତ୍ରିପାଠୀ, ଗଗନ ବିହାରୀ ଡନସନା ପ୍ରମୁଖ ଆଲୋଚନାରେ ଯୋଗ ଦେଇଥିଲେ । ସମୟକୁ ଦୃଷ୍ଟିରେ ରଖି ମହିଳାଙ୍କ ଶିକ୍ଷା, ସୁରକ୍ଷା, ସ୍ୱାସ୍ଥ୍ୟ ଓ ଆତ୍ମନିର୍ଭରତାକୁ ଆଗକୁ ନେବା ପାଇଁ ସମାଜର ସମସ୍ତ ଶ୍ରେଣୀ ମିଳିତ ଭାବେ କାମ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ସମାଜରେ ନିଶାର ପ୍ରାଦୁର୍ଭାବରେ ମହିଳା ନିର୍ଯାତନାର ଶିକାର ହେଉଛନ୍ତି । ଏଣୁ ନିଶା ନିବାରଣ ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ ପାଇଥିଲା । ଏହି ଅବସରରେ ଦୀପା ବାରିକ, ଆତ୍ମ ସୁରକ୍ଷା ପ୍ରଶିକ୍ଷିକା ନନ୍ଦିନୀ ରାଉତଙ୍କ ସହିତ ୧୦ ଜଣ ସ୍ୱାସ୍ଥ୍ୟକର୍ମୀ, ୧୦ ଜଣ ଆଶାକର୍ମୀ, ୧୦ ଜଣ ଅଙ୍ଗନବାଡି କର୍ମୀ, ୧୦ ଜଣ ଶିକ୍ଷୟିତ୍ରୀ, ୧୫ ଜଣ କମ୍ୟୁନିଟି ଷ୍ଟାଫ ଏବଂ ୫ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିରେ ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ ସଭାପତିତ୍ୱ କରିଥିଲେ । ସୋମନାଥ ବାଗ ମଞ୍ଚ ପରିଚାଳନା କରିଥଲେ । ଅଧ୍ୟାପିକା ମିନପ୍ରଭା ପ୍ରଧାନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପିକା ଯାଜ୍ଞସେନୀ ନାୟକ, ରଶ୍ମି ମହାଲିଙ୍ଗ, ରିତାଞ୍ଜଳି ଗୁରୁ, ଅଧ୍ୟାପକ ନବୀନ ମେହେର, କର୍ମଚାରୀ ଦୁର୍ଯ୍ୟୋଧନ ପାଣ୍ଡେ, ରୁକ୍ମିଣୀ ସାହୁ, ମାଧୋ ସିଂ, କ୍ରାନ୍ତି ବାହିନୀର ସଭାପତି ଅନିଲ ଲୁହାର, କୋଶଲ ସେନାର ସନାତନ ପାଣ୍ଡେ, ସାମ୍ବାଦିକ ସୌଦାଗର ବରିହା, ବାସନ୍ତୀ ପାଇକ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା କୁନି ସାହା ଧନ୍ୟବାଦ ଅର୍ପଣ କରିଥିଲେ । ଜର୍ଣ୍ଣାଲିଷ୍ଟ ଏସୋସିଏସନ ଝାରବନ୍ଧ, ରେଡକ୍ରସ ଏବଂ ଏନଏସଏସ ସହଯୋଗରେ ଏହା ଆୟୋଜିତ ହୋଇଥିଲା ।



## ସଚେତନତା ପଦଯାତ୍ରା



ବରଗଡ଼, ୮ । ୩(ସମିସ): କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ଦିନରେ ରବିବାର 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ଶୀର୍ଷକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଇ ପଦଯାତ୍ରା ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରୁ ବାହାରିଥିଲା । ସହରବାସୀଙ୍କୁ ମହିଳାଙ୍କ ଆତ୍ମସୁରକ୍ଷା, ଆତ୍ମସମ୍ମାନ ଓ ଆତ୍ମସ୍ୱାଭିମାନ ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଅଜୟ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ ।

## ଡାଙ୍ଗ ନଦୀପଡ଼ାରେ ମହିଳା ଦିବସ

ବରଗଡ଼, ୮ । ୩(ସମିସ) : ସ୍ଥାନୀୟ ଡାଙ୍ଗ ନଦୀପଡ଼ା କଲ୍ୟାଣ ମଣ୍ଡପରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ଯୋଗ ଦେଇ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ୱାର୍ଡମେମ୍ବର ବାସୁମତି ବଞ୍ଛୋର, ସବିତା ମହଲା ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱାବଲମ୍ବୀ ହୋଇ ନିଜ ପରିବାର ପୋଷଣ କରୁଥିବା ମିତା ସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବୃନ୍ଦା ବତୀ ମଲ୍ଲିକ, କାମିନୀ ସାହୁ, ଶ୍ୟାମାମଣି ପଟ୍ଟନାୟକ, ପୁଷ୍ପା ଭିତିରିଆ, ପାୟଲ ମହାପାତ୍ର, ଡଲି ପ୍ରଧାନ, କବିତା ଦାସ, ଜୟନ୍ତୀ ଥନାପତି, ବାସନ୍ତୀ ଥନାପତି, ଗୋଲାପି ଥନାପତି, ଭାରତୀ ବରିହା, ମୋହିନୀ ଗହିର, ଶିବାନୀ ବାଞ୍ଛୋର, ସବିତା ବଞ୍ଛୋର, ଆସ୍ତା ଭିତିରିଆ, କମିଲିନି ଭିତିରିଆ ପ୍ରମୁଖ ଉପସ୍ଥିତ ଥିଲେ । ଶାଲିନୀ ସା ଧନ୍ୟବାଦ ଅର୍ପଣ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ଅଧ୍ୟକ୍ଷତା କରିଥିଲେ ।




## ଶୃଙ୍ଖଳାରେ ଦାୟିତ୍ୱ ତୁଲାଇଲେ ସଫଳତା ଆସେ

ବରଗଡ଼, ୮ । ୩(ସମିସ): 'ଶୃଙ୍ଖଳା ସହ ନିଜ ଦାୟିତ୍ୱ ତୁଲାଇଲେ ସଫଳତା ଆସିଥାଏ । ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅନୁଷ୍ଠିତ ସଭାରେ ଯାଗଦେଇ ହୀରାକୁଦ ବନ୍ୟ ପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସ ଏହା କହିଛନ୍ତି । ପୁରୁଷ ହୁଅନ୍ତୁ କି ମହିଳା ନିଜ ନିଜ କର୍ମ କ୍ଷେତ୍ରରେ ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ସହ ନିଷ୍ଠାପର ଭାବରେ କାର୍ଯ୍ୟ କଲେ ସଫଳତା ଆପେ ମିଳିଥାଏ । ଡେବ୍ରିଗଡ଼ ଅଭୟାରଣ୍ୟରେ ନିୟୋଜିତ ଯୁବତୀମାନେ ପୁରୁଷ କର୍ମଚାରୀଙ୍କ ସହ ତାଳ ଦେଇ ଶୃଙ୍ଖଳା ଓ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି । ଅନ୍ୟତମ ଅତିଥି ଭାବେ ପଞ୍ଚାୟତ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ସୁଷମା କହିଥିଲେ ଯେ ନାରୀର ପୂଜା ସର୍ବତ୍ର ହୋଇଥାଏ । ନାରୀ କିଭଳି ନିଜର କର୍ମ ଦକ୍ଷତା ବଳରେ ସମାଜରେ ନିଜ ସ୍ଥାନ ନିଜେ ସୃଷ୍ଟି କରିପାରିଛି ତାହା ଉପରେ ଗଭୀର ଆଲୋକପାତ କରିଥିଲେ । ପୁରୁଷ ପ୍ରାଧାନ୍ୟ ସମାଜରେ ନାରୀ ନିଜର ବ୍ୟକ୍ତିଗତ ଦକ୍ଷତାର ପ୍ରମାଣ ଦେଇ ସମାଜରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରିପାରିଛି ବୋଲି କହିଥିଲେ । ଅଧ୍ୟାପକ ମାନଭଞ୍ଜନ ପାଣିଗ୍ରାହୀ କବି ଖଗେଶ୍ୱର ସେଟଙ୍କ ରଚନାରୁ ଏକ କବିତା ଗାନ କରିଥିଲେ । ଅଧ୍ୟାପିକା ଜୟଶ୍ରୀ ସାହୁ ସଭାପତିତ୍ୱ କରିଥିବା ବେଳେ ଅଧ୍ୟାପିକା ଡ ସଂଘମିତ୍ରା ମିଶ୍ର ସଂଯୋଜନା କରିଥିଲେ ।



## ରେଶମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୫ତମ ଜୟନ୍ତୀ ପାଇଁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ



ଭେଡେନ, ୮ ।୩(ସମିସ): ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେଶମ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୨୫ତମ ଜୟନ୍ତୀରେ ଯୋଗଦେବାକୁ ରାଜ୍ୟପାଳ ଡ. କମ୍ଭପତି ହରିବାବୁ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଇଛି । ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ, ଦେବେନ୍ଦ୍ର ପାତ୍ର, ମନୋଜ ପଧାନ, କୈଳାସ ସେଠ୍, ସଞ୍ଜୁ ବିଶି, ସୁନୀଲ ବାରିକ ପ୍ରମୁଖ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି ।



## ୩୩ ମହିଳା ରକ୍ତଦାତା ସମ୍ମାନିତ



ବରଗଡ଼, ୮ । ୩(ସମିସ): ବରଗଡ଼ରେ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସ୍ୱେଚ୍ଛାସେବୀ ମହିଳା ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ନେହେରୁ ଆସୋସିଏସନ ମହିଳା ସମିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସମିତି ସଭାପତି ସୁଷମା ଭୋଇ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ୩୩ ମହିଳା ରକ୍ତଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଡା. ଶୀତଲ ଅଗ୍ରୱାଲ ଅତିଥି ଭାବେ ଯୋଗ ଦେଇଥିଲେ । ଶିବାନୀ ଭୋଇ ଓ ରୁବି ନନ୍ଦ ମଞ୍ଚ ସଞ୍ଚାଳନ କରିଥିଲେ । କଲ୍ୟାଣୀ ଦାଶ, ରୀନା ବେହେରା, ପୁଷ୍ପମିତ୍ରା ପ୍ରଧାନ, ମନୋରମା ଦାଶ, ପିଙ୍କି ନନ୍ଦ, ଲକ୍ଷ୍ମୀପ୍ରିୟା ବିଶି, ପ୍ରଣତି ବେହେରା, ସୌଦାମିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ । ସୁଭଦ୍ରା ରାଓ ଧନ୍ୟବାଦ ଜ୍ଞାପନ କରିଥିଲେ ।

### ଭେରୁଆମୁଣ୍ଡା ଠାକୁର ବୁଢ଼ା କ୍ରିକେଟ କପ୍

## ଭେରୁଆମୁଣ୍ଡା ଓ ମାଣ୍ଡୋସିଲ ଲିଜେଣ୍ଡ ଚାମ୍ପିଅନ

ପାଇକମାଳ, ୮ ।୩(ସମିସ)



ପାଇକମାଳ ବ୍ଲକ ଜାମସେଠ ପଞ୍ଚାୟତ ଭେରୁଆମୁଣ୍ଡାରେ ଚାଲିଥିବା ୬ଷ୍ଠ ଠାକୁର ବୁଢ଼ା କ୍ରିକେଟ କପ୍ ରବିବାର ଉଦ୍‌ଯାପିତ ହୋଇଛି । ରବିବାର ଦୁଇଟି ଫାଇନାଲ ମ୍ୟାଚ ଖେଳାଯାଇଥିଲା । ପ୍ରଥମ ଫାଇନାଲ ମ୍ୟାଚରେ ଝାରବନ୍ଧକୁ ହରାଇ ଆୟୋଜକ ଭେରୁଆମୁଣ୍ଡା ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଛି । ଦ୍ୱିତୀୟ ଫାଇନାଲ ମ୍ୟାଚରେ ଜାମସେଠ ଲିଜେଣ୍ଡକୁ ହରାଇ ମାଣ୍ଡୋସିଲ ଚାମ୍ପିଅନ ହୋଇଛି । ଫୁଲସିଂ ସୁନା ଓ ପିଙ୍କୁ ବରିହା ଖେଳ ପରିଚାଳନା କରିଥିବା ବେଳେ କ୍ଷୀରୋଦ ସାହୁ ସ୍କୋରର ଥିଲେ । ଦେବେନ୍ଦ୍ର ବରିହା ଓ ପରେଶ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗୌତମ ସିଂ ଓ ସମ୍ମାନିତ ଅତିଥି ଭାବେ ହୃଦାନନ୍ଦ ବାରିକ, ଟାଇଲ ଚନ୍ଦ୍ର ଭୋଇ, ଶିକ୍ଷକ ଉଗ୍ରସେନ ପ୍ରଧାନ, ସାମ୍ବାଦିକ ଗିରୀଶ ମାଝୀ, ଅମର ସିଂ ବରିହା, ମନୋଜ ବେହେରା, ବେଣୁଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପରେଶ ମାଝୀ, ତ୍ରିଲୋଚନ ମାଝୀ, ହରିଶ୍ଚନ୍ଦ୍ର ବରିହା, ସୁନିଲ ବରିହା, ପିତବାସ ସାହୁ, ପ୍ରବୀଣ ମାଝୀ, ଡମ୍ବରୁଧର ରାୟ, ବିପିନ ମାଝୀ, କ୍ଷିତରାମ ମାଝୀ, ତ୍ରିଲୋଚନ ପୂଝାରୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

### ଝିଟିକି ୟୁଥ୍ କ୍ରିକେଟ କପ୍

## ଡୁଡୁକିଝରିଆକୁ ହରାଇ ଗୁରୁଣ୍ଡା ଚାମ୍ପିଅନ

ପାଇକମାଳ, ୮ ।୩(ସମିସ): ପାଇକମାଳ ବ୍ଲକ ଝିଟିକି ୟୁଥ୍‌କ୍ଲବ୍ ପକ୍ଷରୁ ଚାଲିଥିବା ଝିଟିକି ୟୁଥ୍ କ୍ରିକେଟ କପ୍ ଉଦ୍‌ଯାପିତ ହୋଇଛି । ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଡୁଡୁକିଝରିଆକୁ ହରାଇ ଗୁରୁଣ୍ଡା ଚାମ୍ପିଅନ ହୋଇଛି । ହେମସାଗର ମାଝୀ ଓ ବିଜୟ ସୋନି ଖେଳ ପରିଚାଳନା କରିଥିଲେ । ସୁଦାମ ବାଗ ସ୍କୋରର ଥିବା ବେଳେ ମିତ୍ରଭାନୁ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ କଂଗ୍ରେସ ସଭାପତି ମହେନ୍ଦ୍ର ଖୁଣ୍ଟିଆ ଓ ସମ୍ମାନିତ ଅତିଥି ଭାବେ ମ୍ୟାନେଜର ଧରୁଆ, ସନ୍ତୋଷ ମହାକୁଡ଼, ଗୋବର୍ଦ୍ଧନ ସୋନି, ଧର୍ମେନ୍ଦ୍ର ପ୍ରଧାନ, ଲୋକେଶ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରବାଶ ପ୍ରଧାନ, ଦୀପକ ଧରୁଆ, ରାହୁଲ ସୋନି, ଗୋକୁଳ ବାଗ, ଗୁଡ୍ଡୁ ଧରୁଆ, ନନ୍ଦଲାଲ ଧରୁଆ ପ୍ରମୁଖ ସହଯୋଗ କରିଥିଲେ ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୧.୭୫
- ପାଉଣ୍ଡ ୧୨୨.୫୨
- ୟୁରୋ ୧୦୬.୪୮
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୫୦,୦୦୦ (ନୂଆଦିଲ୍ଲୀ)
- ରୁପା : ୨,୮୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୯୧୮.୦୦
- ନିଫ୍ଟି ୨୪,୪୫୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଇରାନ ଯୁଦ୍ଧ | ବିଶ୍ୱରେ ଦେଖାଦେବ ଖାଦ୍ୟ ସଙ୍କଟ !

## କେବଳ ତେଲ କି ଗ୍ୟାସ୍ ନୁହେଁ; ସାର ଆଣିବ ବଡ଼ ବିପଦ



ନୂଆଦିଲ୍ଲୀ,୮।୩(ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ସମ୍ପ୍ରତି ଚରମସୀମାରେ ପହଞ୍ଚିଛି। ଏଥିଯୋଗୁ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଏବଂ ଗ୍ୟାସ ମୂଲ୍ୟ ବୃଦ୍ଧି ଘଟିବାରେ ଲାଗିଛି। ଏହି ଯୁଦ୍ଧ ହର୍ମୁଜ ପ୍ରଣାଳୀ ଦେଇ ଅଶୋଧିତ ତୈଳ ଯୋଗାଣ ପ୍ରଭାବିତ କରିଛି। ଏଥିଯୋଗୁ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇଛି, ଯାହା ଜାହାଜ ପରିବହନକୁ ବାଧାପ୍ରାପ୍ତ କରିଛି। ହେଲେ ବଜାର ବିଶେଷଜ୍ଞମାନେ ଆଉ ଏକ କାରଣକୁ ଏକ ପ୍ରମୁଖ ବିପଦ ଭାବରେ ବିବେଚନା କରୁଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ପ୍ରକୃତଦୀର୍ଘକାଳୀନ ବିପଦ ତେଲ କିମ୍ବା ଗ୍ୟାସ ନୁହେଁ, ବରଂ ସାର। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଯୁଦ୍ଧ ଯୋଗୁଁ ସାର ଯୋଗାଣରେ ବାଧା ସୃଷ୍ଟି ହୋଇପାରେ। ଏହା ଆଗାମୀ ମାସଗୁଡ଼ିକରେ ଖାଦ୍ୟ ଉତ୍ପାଦନରେ ହ୍ରାସ ଏବଂ ମୁଦ୍ରାସ୍ଫୀତି ବୃଦ୍ଧି ପାଇବାର ଆଶା କରାଯାଉଛି। ଭାରତ ମଧ୍ୟ ପ୍ରଭାବିତ ହେବ, କାରଣ ଏହା ବହୁ ପରିମାଣରେ ସାର ଆମଦାନୀ କରେ।

> **ଉତ୍ପାଦନ ହ୍ରାସ, ମୁଦ୍ରାସ୍ଫୀତି ବୃଦ୍ଧି ପାଇବ**
>
> **ତ୍ରାହି ପାଇବନି ଭାରତ ବି**

ଉପସାଗର ଅଞ୍ଚଳ ହେଉଛି ବିଶ୍ୱରେ ସାର ଯୋଗାଣର ଏକ ପ୍ରମୁଖ କେନ୍ଦ୍ର। ପଶ୍ଚିମ ଏସୀୟ ଦେଶମାନଙ୍କ ମଧ୍ୟରୁ ଅନେକ, ଯେପରିକି ସାଉଦି ଆରବ, କତାର, ଓମାନ ଏବଂ ୟୁଏଇ, ବିଶ୍ୱକୁ ୟୁରିଆ, ସଲଫର ଏବଂ ଆମୋନିଆର ପ୍ରମୁଖ ଯୋଗାଣକାରୀ। ଖୋଦ୍ ଇରାନ ବିଶ୍ୱର ତୃତୀୟ ସର୍ବବୃହତ ଆମୋନିଆ ଉତ୍ପାଦକ, ଯାହା ଅତ୍ୟାବଶ୍ୟକ ଫସଲ ପୁଷ୍ଟିସାର ଉତ୍ପାଦନରେ ବ୍ୟବହୃତ ହୁଏ। ଯଦି ଇରାନ-ଇସ୍ରାଏଲ ଯୁଦ୍ଧ କିଛି ମାସ ଧରି ଜାରି ରହେ, ତେବେ ଉପସାଗରୀୟ ଅଞ୍ଚଳରେ ସାର ଉତ୍ପାଦନ ଏବଂ ରପ୍ତାନି ଉଭୟ ପ୍ରଭାବିତ ହୋଇପାରେ। ଇକୋନୋମିକ୍ ଟାଇମ୍ସ ଅନୁଯାୟୀ, ଏହା ବିଶ୍ୱ କୃଷି ଉପରେ ସିଧାସଳଖ ପ୍ରଭାବ ପକାଇବ ବିଶେଷକରି ଏପରି ସମୟରେ ଯେତେବେଳେ ଚାଷୀମାନେ ନୂତନ ଫସଲ ବୁଣିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ଫଳସ୍ୱରୂପ, ଆଗାମୀ ମାସଗୁଡ଼ିକରେ ଖାଦ୍ୟ ଉତ୍ପାଦନ ମଧ୍ୟ ହ୍ରାସ ପାଇପାରେ। ଇରାନ୍ ଯୁଦ୍ଧ ଆଗାମୀ ଦିନରେ ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ। ଏହାର ପ୍ରଭାବରେ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ୟୁରିଆ ମୂଲ୍ୟ ତୀବ୍ର ଭାବରେ ବୃଦ୍ଧି ପାଇଛି। ଏମିତିକି ୟୁରୋପରେ ଆମୋନିଆ ମୂଲ୍ୟ ପ୍ରତି ଟନ୍ ପ୍ରାୟ ୭୨୫ ଡଲାରରେ ପହଞ୍ଚିଛି। ଫଳସ୍ୱରୂପ ଅନେକ ପ୍ଲାଣ୍ଟରେ ଉତ୍ପାଦନ ହ୍ରାସ ପାଇଛି। ପରିବହନ ମାର୍ଗ ଅସ୍ଥିର ହୋଇଯାଇଛି।

ଆହୁରିମଧ୍ୟ ରୁଷିଆ ବିଶ୍ୱର ସର୍ବବୃହତ ସାର ରପ୍ତାନିକାରୀ। ବଜାର ବିଶେଷଜ୍ଞମାନେ କହିଛନ୍ତି ଯେ ସୀମିତ ଉତ୍ପାଦନ କ୍ଷମତା ଯୋଗୁଁ ରୁଷ ମଧ୍ୟପ୍ରାଚ୍ୟର ଅଭାବକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରିପାରିବନାହିଁ। ଏହା ବ୍ୟତୀତ, ଫସଫେଟ୍ ରପ୍ତାନି ଉପରେ ଚୀନ୍‌ର ପ୍ରତିବନ୍ଧକ ଏବଂ କାତାରରେ ସଲଫର ଉତ୍ପାଦନ ହ୍ରାସ କରିବା ବିଶ୍ୱବ୍ୟାପୀ ଯୋଗାଣକୁ ଆହୁରି କଡ଼ା କରିଛି।

## ଭାରତ ପାଖରେ ୨୫୦ କୋଟି ବ୍ୟାରେଲ ତେଲ ମହଜୁଦ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ସମୟରେ ଭାରତକୁ ଅଶୋଧିତ ତୈଳର ଅଭାବର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କାରଣ ଭାରତ ପାଖରେ ବର୍ତ୍ତମାନ ୨୫୦ କୋଟି ବ୍ୟାରେଲ (ପ୍ରାୟ ୪,୦୦୦ କୋଟି ଲିଟର)ରୁ ଅଧିକ ଅଶୋଧିତ ତୈଳ ଏବଂ ବିଶୋଧିତ ପେଟ୍ରୋଲିୟମ ଉତ୍ପାଦ ମହଜୁଦ ରହିଛି। ଏକ ସରକାରୀ ରିପୋର୍ଟ ଅନୁଯାୟୀ, ଏତିକି ବ୍ୟାକଅପ୍ ଯଥେଷ୍ଟ। ଏହାଦ୍ୱାରା ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଗଲେ ମଧ୍ୟ ଦେଶର ସମଗ୍ର ଯୋଗାଣ ଶୃଙ୍ଖଳା ସହଜରେ ୭ ରୁ ୮ ସପ୍ତାହ ପାଇଁ ଚାଲିପାରିବ। ଏହାର ଅର୍ଥ ହେଉଛି ଆଗାମୀ ଦିନରେ ପେଟ୍ରୋଲ, ଡିଜେଲ ଏବଂ ଅନ୍ୟାନ୍ୟ ପେଟ୍ରୋଲିୟମ ଉତ୍ପାଦର ଅଭାବ ବିଷୟରେ କୌଣସି ଚିନ୍ତା କରିବାର ନାହିଁ।

ତେବେ ନିକଟରେ ମିଡିଆରେ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଭାରତ ପାଖରେ କେବଳ ୨୫ ଦିନର ଅଶୋଧିତ ତୈଳ ଓ ପେଟ୍ରୋଲ ଡିଜେଲ ମହଜୁଦ ରହିଛି। ହେଲେ ଏହି ରିପୋର୍ଟ ଉକ୍ତ ରିପୋର୍ଟର ସତ୍ୟାସତ୍ୟକୁ ଖଣ୍ଡନ କରିଛି। ସରକାର ସ୍ପଷ୍ଟ କରିଛନ୍ତି ଯେ ଭାରତର ଶକ୍ତି ସୁରକ୍ଷା ଆଉ କୌଣସି ଏକକ ରାସ୍ତା କିମ୍ବା ଦେଶ ଉପରେ ନିର୍ଭରଶୀଳ ନୁହେଁ। ଭାରତ ନିଜ ସୁବିଧା ଅନୁସାରେ ନିଜର ଶକ୍ତି ସୁରକ୍ଷା ବିକଳ୍ପ ବାଛୁଛି। ଭାରତ ଦେଶର ହିତ ଅନୁସାରେ, ଜନତାଙ୍କୁ ସ୍ୱାର୍ଥ ଅନୁସାରେ ନିଷ୍ପତ୍ତି ନେଉଛି ବୋଲି ସରକାର କହି ଆସିଛନ୍ତି। ସରକାରୀ ରିପୋର୍ଟରେ କୁହାଯାଇଛି ଯେ ଭାରତର ଶକ୍ତି କ୍ରୟ ସମ୍ପୂର୍ଣ୍ଣ ଭାବରେ "ଜାତୀୟ ସ୍ୱାର୍ଥ" ଉପରେ ଆଧାରିତ। ଗତ ୧୦ ବର୍ଷ ମଧ୍ୟରେ, ଭାରତ ଏହାର ତୈଳ ଉତ୍ସକୁ



ଉଲ୍ଲେଖନୀୟ ଭାବରେ ବିସ୍ତାର କରିଛି। ଏକ ଦଶନ୍ଧି ପୂର୍ବେ, ଭାରତ କେବଳ ୨୭ ଟି ଦେଶରୁ ତେଲ କିଣୁଥିଲା, କିନ୍ତୁ ବର୍ତ୍ତମାନ ଏହି ସଂଖ୍ୟା ୪୦ କୁ ବୃଦ୍ଧି ପାଇଛି। ବିଶ୍ୱ ଉତ୍ତେଜନା ସତ୍ତ୍ୱେ, ଭାରତ ଏହାର ଆବଶ୍ୟକତା ପୂରଣ କରିବା ପାଇଁ ନୂଆ ଉପାୟ ଖୋଜି ପାଇଛି।

ଆମେରିକା ଇସ୍ରାଏଲ୍ ଇରାନ ଉପରେ ମିଳିତ ଆକ୍ରମଣ କରିବା ପରେ ଇରାନ ଏହାର ସଂକୀର୍ଣ୍ଣ ଜଳପଥ ଷ୍ଟ୍ରେଟ୍ ଅଫ୍ ହରମୁଜଙ୍କୁ ବନ୍ଦ କରିଦେଇଛି। ଫଳରେ ବିଶ୍ୱରେ ୨୦% ତୈଳ ଆମଦାନୀ ରପ୍ତାନୀ ବାଧାପ୍ରାପ୍ତ ହୋଇଛି। ଏହି ରାସ୍ତା ଦେଇ ଭାରତ ୬୦% ତୈଳ ଆମଦାନୀ କରିଥାଏ। ହେଲେ ଏବେ ରାସ୍ତା ବନ୍ଦ ହେବା ଦ୍ୱାରା ଭାରତ ଅଲଗା ରାସ୍ତା ଖୋଜିବାର ସଫଳ ହୋଇଛି। ଏବେ ହରମୁଜ ଦେଇ ଭାରତର ୪୦% ତୈଳ ଆଣୁଥିବା ବେଳେ ଋଷ, ପଶ୍ଚିମ ଆଫ୍ରିକା, ଆମେରିକା ଓ ମଧ୍ୟ ଏସିଆ ଭଳି ବୈକଳ୍ପିକ ରାସ୍ତା ଦେଇ ୬୦% ତୈଳ ଆମଦାନୀ କରୁଛି। ସେପଟେ ଆମେରିକା ବାରମ୍ବାର ହସ୍ତକ୍ଷେପ କରି ଭାରତର ଶକ୍ତି କ୍ରୟ କ୍ଷମତାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି। ଟିକସ ଭୟ ଦେଖାଇ ଭାରତର ବୈଦେଶିକ ନୀତିକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି। ଆମେରିକାର ଟ୍ରେଜେରୀ ବିଭାଗ ଭାରତୀୟ ରିଫାଇନାରୀଗୁଡ଼ିକୁ ଋଷ ଠାରୁ ତେଲ କିଣିବାକୁ ୩୦ ଦିନ ପାଇଁ ସ୍ୱତନ୍ତ୍ର ଲାଇସେନ୍ସ ପ୍ରଦାନ କରିଛି। ଏହି ଲାଇସେନ୍ସ ୩ ଏପ୍ରିଲ ପର୍ଯ୍ୟନ୍ତ ବୈଧ ରହିବ। ଏହାର ଅର୍ଥ ହେଉଛି ଭାରତରେ ଅଶୋଧିତ ତୈଳ ଅଭାବର କୌଣସି ସମ୍ଭାବନା ନାହିଁ। ଏହା ବ୍ୟତୀତ, ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ବୃଦ୍ଧିର ସଙ୍କଟ ବର୍ତ୍ତମାନ ପାଇଁ ସମାଧାନ ହୋଇଛି।

### ଯୁଦ୍ଧରେ ଏୟାର ଇଣ୍ଡିଆର ବଡ଼ ନିଷ୍ପତ୍ତି

## ୟୁରୋପ-ଆମେରିକା ସହ ୯ ରୁଟ୍‌ରେ ଚାଲିବ ଅତିରିକ୍ତ ବିମାନ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ଯୋଗୁ ପଶ୍ଚିମ ଏସିଆରେ ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି। ଯାହାର ପ୍ରଭାବ ବାଣିଜ୍ୟ ଉପରେ ସିଧାସଳଖ ଭାବରେ ପଡ଼ିଛି। ଅନେକ କ୍ଷେତ୍ରରୁ ରପ୍ତାନୀ ପ୍ରଭାବିତ ହୋଇଛି। ଏହାରି ମଧ୍ୟରେ ଏୟାର ଇଣ୍ଡିଆ ମାର୍ଚ୍ଚ ୧୦ରୁ ୯ ରୁଟ୍‌ରେ ଆହୁରି ୭୮ ଟି ଉଡ଼ାଣ ଘୋଷଣା କରିଛି। ଏୟାର ଇଣ୍ଡିଆ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ, ପଶ୍ଚିମ ଏସିଆରେ ଚାଲିଥିବା ପରିସ୍ଥିତି ମଧ୍ୟରେ ନିର୍ଭରଯୋଗ୍ୟ ଯାତ୍ରା ବିକଳ୍ପର ଚାହିଦା ବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି।



ଆଗାମୀ କିଛି ଦିନ ମଧ୍ୟରେ ୟୁରୋପର ୫ ପ୍ରମୁଖ ପ୍ରବେଶପଥ ଏବଂ ନ୍ୟୁୟର୍କ (ଜେଏଫ୍‌କେ) ୧ରେ ଅତିରିକ୍ତ କ୍ଷମତା ବୃଦ୍ଧି କରିବ। ଯାହା ମାଳଦ୍ୱୀପ ଏବଂ ଶ୍ରୀଲଙ୍କାକୁ ଅତିରିକ୍ତ ସେବା ଦ୍ୱାରା ସମର୍ଥିତ। ବିବୃତ୍ତିରେ କୁହାଯାଇଛି ଯେ, ୨୦୨୬ ମାର୍ଚ୍ଚ ୧୦ରୁ ୧୮ ମଧ୍ୟରେ ଏୟାର ଇଣ୍ଡିଆ ଏହି ରୁଟ୍‌ରେ ଆହୁରି ୭୮ଟି ଉଡ଼ାଣ ପରିଚାଳନା କରିବ। ଯାହା ଯାତ୍ରୀମାନଙ୍କ ପାଇଁ ଯାତ୍ରା ବିକଳ୍ପ ସୀମିତ ଥିବା ସମୟରେ ଆବଶ୍ୟକୀୟ କ୍ଷମତା ବୃଦ୍ଧି କରିବ। ଏହି ଉଡ଼ାଣଗୁଡ଼ିକ ଉଭୟ ଦିଗରେ ୯ଟି ରୁଟରେ ୧୭,୬୭୦ ସିଟ୍ ଯୋଡ଼ିବ। ୟୁରୋପୀୟ ରୁଟ୍‌ରେ ଅତିରିକ୍ତ ଉଡ଼ାଣଗୁଡ଼ିକ ବି୭୮୭-୮ ସହିତ ପରିଚାଳିତ ହେବ ଏବଂ ମାଲେ ଏବଂ କଲମ୍ବୋକୁ ଉଡ଼ାଣଗୁଡ଼ିକ ଏ୩୨୦ନିଓ ବିମାନ ସହିତ ପରିଚାଳିତ ହେବ। ନ୍ୟୁୟର୍କକୁ ଉଡ଼ାଣଗୁଡ଼ିକ ଆବଶ୍ୟକୀୟ ନିୟାମକ ଅନୁମୋଦନ ଅଧୀନରେ ଏବଂ ଏୟାର ଇଣ୍ଡିଆର ବି୭୭୭-୩୦୦ଇଆର୍ ବିମାନ ସହିତ ପରିଚାଳିତ ହେବା ନେଇ କୁହାଯାଇଛି।

ଦିଲ୍ଲୀ ନ୍ୟୁୟର୍କ (ଜେଏଫ୍‌କେ), ଦିଲ୍ଲୀ ଲଣ୍ଡନ (ହିଥ୍ରୋ), ମୁମ୍ବାଇ ଲଣ୍ଡନ (ହିଥ୍ରୋ), ଦିଲ୍ଲୀ ଫ୍ରାଙ୍କଫର୍ଟ, ଦିଲ୍ଲୀ ପ୍ୟାରିସ (ସିଡିଜି), ଦିଲ୍ଲୀ ଆମଷ୍ଟରଡମ, ଦିଲ୍ଲୀ ଜୁରିଚ୍, ଦିଲ୍ଲୀ ପୁରୁଷ (ମାଲଡିଭସ), ଦିଲ୍ଲୀ କଲମ୍ବୋ (ଶ୍ରୀଲଙ୍କା)। ସାଉଦି ଆରବ ଏବଂ ଓମାନ ଉପରେ ଆକାଶମାର୍ଗ ପୁନଃ ଖୋଲିବା ପରେ ମାର୍ଚ୍ଚ ୬ରେ ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଜେଦ୍ଦା ଏବଂ ମସ୍କଟକୁ ଏବଂ ସେଠାରୁ ବିମାନ ସେବା ପୁନଃ ଆରମ୍ଭ କରିବାର ଘୋଷଣା କରିଥିଲେ। ଏୟାର ଇଣ୍ଡିଆ ଏକ ବିବୃତ୍ତିରେ କହିଛି, ପଶ୍ଚିମ ଏସିଆର ଅନ୍ୟ କେତେକ ଦେଶରେ ଏୟାରସ୍ପେସ୍ ବନ୍ଦ ହେବା ଯୋଗୁ ଏୟାର ଇଣ୍ଡିଆ ଗ୍ରୁପର ପଶ୍ଚିମ ଏସିଆର ଅନ୍ୟ ସ୍ଥାନଗୁଡ଼ିକୁ ଏବଂ ସେଠାରୁ ବିମାନ ଚଳାଚଳକୁ ୨୦୨୬ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏୟାର ଇଣ୍ଡିଆର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ନିପୁଣ ଅଗ୍ରୱାଲ କହିଛନ୍ତି, ଚ୍ୟାଲେଞ୍ଜ ସତ୍ତ୍ୱେ, ଏୟାର ଇଣ୍ଡିଆ ୟୁରୋପ ଏବଂ ଉତ୍ତର ଆମେରିକାକୁ ଏହାର ନିର୍ଦ୍ଧାରିତ ସେବା ପରିଚାଳନା ଜାରି ରଖିଛି ଏବଂ ପରିଚାଳନା ପାଇଁ ସୁରକ୍ଷିତ ବୋଲି ବିବେଚିତ ଅନ୍ୟାନ୍ୟ ରୁଟ୍ ବ୍ୟବହାର କରି ଅନେକ ଆନ୍ତର୍ଜାତୀୟ ପ୍ରବେଶପଥ ସହିତ ସଂଯୋଗ ବଜାୟ ରଖିଛି। ଆମେ ନିଶ୍ଚିତ ଯେ ଏହି ଅଞ୍ଚଳଗୁଡ଼ିକୁ ଯାତ୍ରା କରୁଥିବା ଯାତ୍ରୀମାନେ ଏୟାର ଇଣ୍ଡିଆ ସହିତ ପ୍ରାପ୍ତ ଅତିରିକ୍ତ ବିକଳ୍ପ ଏବଂ ନିର୍ଭରଯୋଗ୍ୟତାକୁ ପ୍ରଶଂସା କରିବେ।

## ଆଶୁତୋଷ ରଥ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ



ନୂଆଦିଲ୍ଲୀ,୮।୩(ଏଜେନ୍ସି): ଆଶୁତୋଷ ରଥଙ୍କୁ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ପଦବୀକୁ ପଦୋନ୍ନତି ମିଳିଛି। ସେ ନାଲ୍‌କୋ କର୍ପୋରେଟ କାର୍ଯ୍ୟାଳୟରେ ମୁଖ୍ୟ ମହାପ୍ରବନ୍ଧକ (ମାନବ ସମ୍ବଳ) ସହିତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ)ର ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ। ଏହି ସମୟରେ ସେ କମ୍ପାନୀର ଟ୍ୟାଲେଣ୍ଟ ମ୍ୟାନେଜମେଣ୍ଟ, ସାଂଗଠନିକ ବିକାଶ, କର୍ମଚାରୀଙ୍କ ସହଭାଗିତା ଏବଂ ନୀତି ପ୍ରଣୟନ ଭଳି କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦିତ କରିଛନ୍ତି। ତାଙ୍କ ନେତୃତ୍ୱରେ ନାଲ୍‌କୋର କର୍ପୋରେଟ୍ ମୁଖ୍ୟାଳୟ ସହ ବିଭିନ୍ନ ୟୁନିଟ୍ ଏବଂ କାର୍ଯ୍ୟାଳୟଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ ମାନବ ସମ୍ବଳ ବିଭାଗକୁ ସୁଦୃଢ଼ କରାଯାଇଛି, ଯାହା ଦ୍ୱାରା କାର୍ଯ୍ୟଦକ୍ଷତା, କର୍ମଚାରୀଙ୍କ ମନୋବଳ ଏବଂ ରଣନୈତିକ ମାନବ ସମ୍ବଳ ପଦକ୍ଷେପଗୁଡ଼ିକ ତ୍ୱରାନ୍ୱିତ ହୋଇପାରିଛି। ଶ୍ରୀ ରଥଙ୍କ କାର୍ଯ୍ୟନିଷ୍ଠା, ସଫଳତା ଏବଂ ନେତୃତ୍ୱର ସକାରାତ୍ମକ ପ୍ରଭାବ ହେତୁ ନାଲ୍‌କୋର ସମସ୍ତ ସ୍ତରରୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ଆଗାମୀ ଦିନରେ ସେ କମ୍ପାନୀର ମାନବ ସମ୍ବଳ ବିଭାଗକୁ ଆହୁରି ସୁଦୃଢ଼ କରିବା ସହ ସଂଗଠନର ଉଚ୍ଚ କାର୍ଯ୍ୟଦକ୍ଷତା ଓ ପ୍ରଗତିଶୀଳ ସଂସ୍କୃତିକୁ ବଜାୟ ରଖିବା ନିମନ୍ତେ ଆଶାବାଦୀ ବୋଲି କହିଛନ୍ତି।

## ଇ- କମର୍ସ ପ୍ଲାଟଫର୍ମ ମିଶୋକୁ ୧,୫୦୦ କୋଟିର ଆୟକର ନୋଟିସ୍

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଶସ୍ତା ଏବଂ ସୁଲଭ ସାମଗ୍ରୀ ବିକ୍ରି ପାଇଁ ଜଣାଶୁଣା ଇ-କମର୍ସ ପ୍ଲାଟଫର୍ମ ମିଶୋ ପାଇଁ ବଢ଼ିପାରେ ଅଡୁଆ। କାରଣ ଆୟକର ବିଭାଗ କମ୍ପାନିକୁ ୧,୫୦୦ କୋଟି ଟଙ୍କାର ଟିକସ ନୋଟିସ୍ ଜାରି କରିଛି। ଏଥିରେ ଅଭିଯୋଗ କରାଯାଇଛି ଯେ, ମିଶୋ ଏହାର ପ୍ରକୃତ ଆୟକୁ କମ୍ ଦେଖାଇଛି। ସୂଚନା ଅନୁସାରେ, ଆୟକର ବିଭାଗ ପକ୍ଷରୁ ଏହି ଟ୍ୟାକ୍ସ ନୋଟିସ୍ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପଠାଯାଇଛି। ବିଭାଗ କହିଛି, କମ୍ପାନି ନିଜର ଆୟ ସଂପର୍କିତ ଯେଉଁ ତଥ୍ୟ ଦେଇଛି ସେଥିରେ କିଛି ବିଚ୍ୟୁତି ରହିଛି। ଏହାକୁ ଦୃଷ୍ଟିରେ ରଖି ଟିକସ ଅଧିକାରୀ "ଅତିରିକ୍ତ ସଂଶୋଧନ" କରିଛନ୍ତି। ଯେଉଁଥିରେ ବକେୟା ଟିକସ ସହ ବଡ଼ ସୁଧ ମଧ୍ୟ ଯୋଡ଼ାଯାଇଛି। ଅବଶ୍ୟ ମିଶୋ ଏହାର ନିବେଶକମାନଙ୍କୁ ଆଶ୍ୱାସନା ଦେଇଛି ଯେ, କମ୍ପାନି ଏହି ନୋଟିସର ସମୀକ୍ଷା କରୁଛି। ଏହି କମ୍ପାନିର ଆର୍ଥିକ କାର୍ଯ୍ୟ ଉପରେ କୌଣସି ଗୁରୁତ୍ୱପୂର୍ଣ୍ଣ ନକାରାତ୍ମକ ପ୍ରଭାବ ପକାଇବ ନାହିଁ।

ପ୍ରକୃତରେ, ଇ-କମର୍ସ କମ୍ପାନୀ ଏବଂ ଆୟକର ବିଭାଗ ମଧ୍ୟରେ ବିବାଦର ପ୍ରଥମ କାରଣ ହେଉଛି ଗ୍ରାହକମାନଙ୍କୁ ପ୍ରଦାନ କରାଯାଉଥିବା ପ୍ରୋତ୍ସାହନ ଏବଂ ରିହାତି। କମ୍ପାନିଗୁଡ଼ିକ ଗ୍ରାହକମାନଙ୍କୁ ଆକର୍ଷିତ କରିବା ପାଇଁ ପ୍ରଦାନ କରୁଥିବା ରିହାତିଗୁଡ଼ିକୁ ସେମାନଙ୍କର ବାଲାନ୍ସ ସିଟରେ "ବ୍ୟବସାୟିକ ଖର୍ଚ୍ଚ" ଭାବରେ ଦେଖାନ୍ତି। ଏମିତି କରିବା ଦ୍ୱାରା କମ୍ପାନିଙ୍କ ଟିକସ ହ୍ରାସ ହୋଇଥାଏ। ଅନେକ କ୍ଷେତ୍ରରେ ଆୟକର ବିଭାଗ ଏହି ଖର୍ଚ୍ଚଗୁଡ଼ିକୁ ସମ୍ପୂର୍ଣ୍ଣ ରିହାତିଯୋଗ୍ୟ ବୋଲି ବିବେଚନା କରେ ନାହିଁ। ଆଉ ଏହି ଦ୍ୱନ୍ଦ୍ୱ ପ୍ରାୟତଃ ବଡ଼ ଟିକସ ନୋଟିସ୍ ସୃଷ୍ଟି କରେ।

ମିଶୋ ପାଇଁ ଏପରି ଟିକସ ନୋଟିସର ସମ୍ମୁଖୀନ ହେବା ନୂଆ ନୁହେଁ। କମ୍ପାନି କହିଛି ଏହାକୁ ୨୦୨୨ ଆର୍ଥିକ ବର୍ଷ ପାଇଁ ସମାନ ନୋଟିସ ମିଳିଛି। କମ୍ପାନିର ଆଇପିଓ ଡକ୍ୟୁମେଣ୍ଟ ଅନୁଯାୟୀ ୨୦୨୫ ଜାନୁଆରୀ ୨୫ରେ ଆୟକର ବିଭାଗ ଟ୍ୟାକ୍ସ ରିଟର୍ଣ୍ଣରେ ପ୍ରସ୍ତାବିତ ପରିବର୍ତ୍ତନ ପାଇଁ ଜବାବ ମାଗିବା ପାଇଁ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଏହି ମାମଲା ବିଜ୍ଞାପନ ଖର୍ଚ୍ଚ, ଫରୱାର୍ଡ ଚୁକ୍ତିରୁ ଲାଭ ଏବଂ ବିଦେଶୀ ପେମେଣ୍ଟ ଉପରେ ଟିକସ କାଟିବା ସହିତ ଜଡିତ ଥିଲା।

## ବଢ଼ିବ ରୁଫ୍‌ଟପ୍ ସୋଲାର ସଂଯୋଗ

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ





ଭୁବନେଶ୍ୱର,୮।୩(ସମିସ): ଓଡ଼ିଶାରେ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାର ସଫଳ ରୂପାୟନ ପାଇଁ ଟିପିସିଓଡିଏଲ ମ୍ୟାନେଜମେଣ୍ଟ ଡେଭଲପମେଣ୍ଟ ସେଣ୍ଟରଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ, ବିଦ୍ୟୁତ ବିତରଣ କମ୍ପାନୀ, ବ୍ୟାଙ୍କ ପ୍ରତିନିଧି ଏବଂ ପଞ୍ଜିକୃତ ଭେଣ୍ଡରମାନେ ଏକାଠି ହୋଇଥିଲେ। ରାଜ୍ୟରେ ରୁଫ୍‌ଟପ୍ ସୋଲାର ସ୍ଥାପନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଏହାର ପରିଚାଳନା କ୍ଷେତ୍ରରେ ଥିବା ଅସୁବିଧାକୁ ଦୂର କରିବା, ଋଣ ପ୍ରଦାନ ପ୍ରକ୍ରିୟାକୁ ସରଳ କରିବା ଏବଂ ଅଂଶୀଦାରମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଏହି ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଅତିରିକ୍ତ ମୁଖ୍ୟ ସଚିବ ବିଶାଲ କୁମାର ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ। ସେ ରାଜ୍ୟର ଅକ୍ଷୟ ଶକ୍ତି କ୍ଷେତ୍ରରେ ଥିବା ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତଙ୍କ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରି ବ୍ୟାଙ୍କ, ଭେଣ୍ଡର ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକ ଉପଯୁକ୍ତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ। ଟାଟା ପାୱାରର ଚିଫ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ବିଜନେସ ଗଜାନନ କାଲେ, ଏହି ଯୋଜନା ଅଧୀନରେ ଥିବା ମହତ୍ୱାକାଂକ୍ଷୀ ଲକ୍ଷ୍ୟଗୁଡ଼ିକୁ ପୂରଣ କରିବା ପାଇଁ ସୁଦୃଢ଼ ଭାଗିଦାରୀର ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ସାଗରିକା ହୋତା, ନିର୍ଦ୍ଦେଶିକା, ଇନଷ୍ଟିଚ୍ୟୁସନାଲ ଫାଇନାନ୍ସ, ଅର୍ଥ ବିଭାଗ; ଶକ୍ତି ବିଭାଗର ଅତିରିକ୍ତ ସଚିବ ସାଇ ଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଏସଏଲବିସି ଓଡ଼ିଶା ଇନଚାର୍ଜ ଲିଙ୍ଗରାଜ ନାୟକ, ଅରଭିନ୍ଦ ସିଂହ, ସିଇଓ, ଟିପିସିଓଡିଏଲ ଏବଂ ଆରଇସି ଭୁବନେଶ୍ୱରର ଚିଫ ପ୍ରୋଜେକ୍ଟ ମ୍ୟାନେଜର ଜୋଗୀନାଥ ପ୍ରଧାନଙ୍କ ସମେତ ଡ଼ିସକମ, ବ୍ୟାଙ୍କ ଏବଂ ପଞ୍ଜୀକୃତ ଭେଣ୍ଡରଙ୍କ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ଖରା ତାତି ପୂର୍ବରୁ ଏସି ମହଙ୍ଗା

### ମୂଲ୍ୟ ୧୫% ବଢ଼ାଇଲେ କମ୍ପାନୀ

ନୂଆଦିଲ୍ଲୀ,୮।୩(ଏଜେନ୍ସି): ଗ୍ରୀଷ୍ମର ଖରା ତାତି ପୂର୍ବରୁ ଏସି କିଣିବା ହୋଇଛି ମହଙ୍ଗା। ଡାଇକିନ୍, ଏଲ୍‌ଜି, ହାୟର, ମିତ୍‌ସୁବିସି, ଭୋଲଟାସ୍ ଏବଂ ବ୍ଲୁ ଷ୍ଟାର ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ଏସି ମୂଲ୍ୟ ରେ ୫ ରୁ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ତମ୍ବା ଏବଂ ଆଲୁମିନିୟମ ଭଳି କଞ୍ଚାମାଲ ମୂଲ୍ୟରେ ବୃଦ୍ଧି ଏବଂ ମାଲ ପରିବହନ ଖର୍ଚ୍ଚ ବଢ଼ିଥିବାରୁ କମ୍ପାନୀଗୁଡିକ ମୂଲ୍ୟ ବୃଦ୍ଧି କରିଥିବା କହିଛନ୍ତି। ଭାରତୀୟ ମୁଦ୍ରା ଟଙ୍କା ମୂଲ୍ୟ ଆମେରିକୀୟ ଡଲାର ତୁଳନାରେ ଅତ୍ୟଧିକ ହ୍ରାସ ଯୋଗୁ ଏସି ପାଇଁ ଆବଶ୍ୟକୀୟ ସାମଗ୍ରୀ ଆମଦାନୀ ମହଙ୍ଗା ହେଉଛି। ଏହା ମଧ୍ୟ ଏସି ମୂଲ୍ୟ ବୃଦ୍ଧିର ଆଉ ଏକ ପ୍ରମୁଖ କାରଣ। ୨୦୨୬ ଜାନୁଆରୀରେ ଲାଗୁ ହୋଇଥିବା ବିଇଇର ନୂଆ ଏନର୍ଜି ଏଫିସିଏନ୍‌ସି ନିୟମ ମଧ୍ୟ ମୂଲ୍ୟ ବୃଦ୍ଧି ହେବାର କାରଣ ବୋଲି କୁହାଯାଉଛି। ତେଣୁ ଫେବୃଆରୀ ଏବଂ ଏପ୍ରିଲ ମାସ ମଧ୍ୟରେ ଏହି ଦର ବୃଦ୍ଧି ଲାଗୁ ହେବ।

ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଜାନୁଆରୀ ପହିଲାଠାରୁ ଏସି ପାଇଁ ନୂଆ ମାନଦଣ୍ଡ ଲାଗୁ କରିଛି। ଏହି ମାନଦଣ୍ଡ ଅନୁଯାୟୀ, ୫-ତାରକା ଏସିଗୁଡ଼ିକ ଏବେ ପୁରୁଣା ୫-ତାରକା ଏସି ତୁଳନାରେ ୧୦% ରୁ ୧୧% ଅଧିକ ଶକ୍ତି ସଂରକ୍ଷଣକାରୀ (ଏନର୍ଜି ଏଫିସିଏଣ୍ଟ)। ସରଳ ଭାଷାରେ କହିବାକୁ ଗଲେ ନୂଆ ଏସିଗୁଡ଼ିକ କମ୍ ଶକ୍ତିରେ ଅଧିକ ଶୀତଳତା ପ୍ରଦାନ କରିବ। ଏଭଳି ଏସି ପ୍ରସ୍ତୁତିରେ ଖର୍ଚ୍ଚ ବଢ଼ିବ। ତେଣୁ ଦାମ୍ ମଧ୍ୟ ବଢ଼ିବ। ଏଲ୍‌ଜି ଇଣ୍ଡିଆର ନିର୍ଦ୍ଦେଶକ ସଞ୍ଜୟ ଚିତକାରାଙ୍କ ଅନୁଯାୟୀ, ନୂଆ ନିୟମ ଅନୁଯାୟୀ ନିର୍ମିତ ଏସି ପୂର୍ବ ତୁଳନାରେ ପ୍ରାୟ ୧୧% ଅଧିକ ଶକ୍ତି ସଂରକ୍ଷଣକାରୀ ହେବ। ଯଦିଓ କିଣିଲା ବେଳେ ଏସି ପାଇଁ ଅଧିକ ଟଙ୍କା ଦେବାକୁ ପଡିବ ତେବେ ଦୀର୍ଘକାଳୀନ ଭାବରେ ବିଜୁଳି ସଞ୍ଚୟ ହେବ। ଦର ବୃଦ୍ଧି ନେଇ ଡାଇକିନ୍ ଇଣ୍ଡିଆର ଅଧ୍ୟକ୍ଷ କନ୍‌ୱଲଜିତ୍ ଜାୱା କହିଛନ୍ତି ଯେ ନୂଆ ଏନର୍ଜି ନିୟମାବଳୀ ଉତ୍ପାଦକୁ ଉନ୍ନତ କରିଛି, ଏଥିପାଇଁ ସେଗୁଡ଼ିକ ଅଧିକ ମହଙ୍ଗା ହୋଇଛି। ତମ୍ବା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଛି। ଡଲାର ମୂଲ୍ୟ ବୃଦ୍ଧି ଯୋଗୁ ଖର୍ଚ୍ଚ ବଢିଛି। ବର୍ତ୍ତମାନେର ବିଶ୍ୱ ଅସ୍ଥିରତା ଆମଦାନୀକୁ ଅଧିକ ମହଙ୍ଗା କରିଛି। ତେଣୁ ମୂଲ୍ୟ ବୃଦ୍ଧି କରିବା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନ ଥିଲା ବୋଲି ସେ କହିଛନ୍ତି।

ଅପରପେକ୍ଷ ଚଳିତଥର ଅଧିକ ଗରମ ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ତେଣୁ ଏସି ମୂଲ୍ୟ ବଢ଼ିବା ସତ୍ତ୍ୱେ ବି ଚଳି ବର୍ଷ ଏସି ବଜାରରେ ୧୫% ଅଭିବୃଦ୍ଧି ଘଟିବ ବୋଲି ଡାଇକିନ ଇଣ୍ଡିଆ ଆଶା ରଖିଛି। ଭାରତରେ ରୁମ ଏୟାର-କଣ୍ଡିସନର ବଜାର ବାର୍ଷିକ ପ୍ରାୟ ୧୩.୫ ନିୟୁତ ୟୁନିଟ୍‌ର। ଭୋଲଟାସ୍, ଏଲଜି, ଡାଇକିନ୍, ବ୍ଲୁ ଷ୍ଟାର, ହିଟାଚି, ପାନାସୋନିକ୍ ଏବଂ ଲଏଡ୍ ଭଳି କମ୍ପାନୀଗୁଡ଼ିକ ମଧ୍ୟରେ ବଜାରରେ ପ୍ରତିଯୋଗିତା ତୀବ୍ର ରହିଛି।

